ଧରିତ୍ରୀ
DHARITRI
September 25 - October 1, 2022 ₹ 2/-

ଛୁଟିଦିନ

# ସଉକ ଦେଇଛି ପରିଚୟ

ସଉକ ମଣିଷକୁ କେବଳ ଖୁସି ଦିଏ ନାହିଁ, ସଉକ ବି ମଣିଷର ପରିଚୟ ତିଆରି କରେ । ଏଠାରେ ଏମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରୁଛୁ ଯାହାଙ୍କ ସଉକ ହେଉଛି ଗାଡି । ଏମାନେ କେବଳ ଗାଡିକୁ ଭଲ ପାଆନ୍ତିନି ନୂଆ ପୁରୁଣା ଅନେକ ଗାଡିକୁ ଯତ୍ନର ସହ ସାଇତି ରଖିବାରେ ହିଁ ପାଇଥାନ୍ତି ଆନନ୍ଦ..

୩ ପ୍ରଚ୍ଛଦ ପ୍ରସଙ୍ଗ

୧୧ ସେଲିବ୍ରିଟି ସିକ୍ରେଟ୍





# ସୁଖ, ସମୃଦ୍ଧି ପାଇଁ

**ଘରର ସୁଖଶାନ୍ତି ଓ ସମୃଦ୍ଧି ପାଇଁ ବାସ୍ତୁ ନିୟମ ମାନିବା ସହ କିଛିଟା ଛୋଟମୋଟ ଭୁଲ୍‌କୁ ସୁଧାରିପାରିଲେ ଜୀବନ ସରସ, ସୁନ୍ଦର ହୋଇଥାଏ ବୋଲି ବିଶ୍ୱାସ କରାଯାଏ..**


* ଶୁକ୍ରବାର ଏବଂ ପୂର୍ଣ୍ଣିମା ଦିନ କାନ୍ଦିଲେ ଘରର ପ୍ରତିଷ୍ଠା କ୍ଷୁଣ୍ଣ ହେବା ସହ ଘରେ ଅଶାନ୍ତି ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।

* ଘରର କୌଣସି ସ୍ଥାନରେ କେବେ ବି ବୁଢ଼ିଆଣୀ ଜାଲ ହେବାକୁ ଦେବେ ନାହିଁ। କାରଣ ଏହାଦ୍ୱାରା ମାତା ଲକ୍ଷ୍ମୀ ରୋଷ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

* ଆଲମାରିର ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ରହିଲେ ଶୁଭ। ସମ୍ମୁଖରେ ଯଦି ଝରକା ଥିବ ତା'ହେଲେ ତ ଆହୁରି ଭଲ।

* ଭୁଲ୍‌ରେ ବି ଚପଲ ଉପରେ ଚପଲ ଥାକ କରିକି ରଖିବେ ନାହିଁ। ଏହାଦ୍ୱାରା ଘରେ କୁଆଡ଼େ ଅଶାନ୍ତିର ବାତାବରଣ ଖେଳି ଯାଇଥାଏ ବୋଲି ବିଶ୍ୱାସ ରହିଛି।

* ଅନେକଙ୍କର କବାଟ ପଛପଟେ ହ୍ୟାଙ୍ଗର୍‌ରେ ପୋଷାକ



ଟଙ୍ଗାଇବାର ଅଭ୍ୟାସ ଥାଏ। କିନ୍ତୁ ଏଭଳି କରିବା ଠିକ୍ ନୁହେଁ। କୁହାଯାଏ, ଏଭଳି କଲେ ଘରର ବ୍ୟକ୍ତିଙ୍କୁ କିଛି କାରଣ ନ ଥାଇ ବି ଅପମାନିତ ହେବାକୁ ପଡିଥାଏ।

* ଘରେ କେବେ ବି ଯୁଦ୍ଧ ହେଉଥିବାର ଚିତ୍ର, କାନ୍ଦିବା ଫଟୋ କିମ୍ବା କୌଣସି ଅଶୁଭ ଜିନିଷର ଫଟୋ ଲଗାଇବା ଠିକ୍ ନୁହେଁ। ଏହାଦ୍ୱାରା ଘରେ ନକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ।

* ଝାଡୁକୁ ମୋଡିକି ରଖିବା ଉଚିତ ନୁହେଁ। ଏପରି କଲେ ଘରେ ଅର୍ଥହାନି ହେବା ସହ ପରିବାର ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୫- ଅକ୍ଟୋବର ୧

**ମେଷ**
ମାନସିକ ସ୍ଥିରତା, ବନ୍ଧୁଙ୍କ ପରାମର୍ଶ, ନୂତନ ଯୋଜନାରମ୍ଭ, କର୍ମ କୁଶଳତା, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ଶାନ୍ତ ବାତାବରଣ, ନୂତନ ବନ୍ଧୁସମ୍ପର୍କ, ଦୂରଯାତ୍ରାର ଅଭିଳାଷ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶୁଭଖବର ପ୍ରାପ୍ତି ।।

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି, ସଙ୍ଗୀତ ଚର୍ଚ୍ଚା, ଅନୁଷ୍ଠାନରୁ ସମ୍ମାନ, କ୍ରୀଡାରେ ସଫଳତା, ବନ୍ଧୁଙ୍କ ହତାଦର, ଅର୍ଥସମ୍ପଦ ଲାଭ , ସନ୍ତାନଙ୍କ କୃତିତ୍ୱ, ବିବାଦରେ ବିଜୟ, ବାଣିଜ୍ୟରେ ଉନ୍ନତି, ଦୂରଯାତ୍ରାର ପ୍ରସ୍ତୁତି ।।

**ମିଥୁନ**
ଶାରିରୀକ ଅସୁସ୍ଥତା, ପାରିବାରିକ ଅଶାନ୍ତି, ବାଣିଜ୍ୟରେ ସଫଳତା, ସହଯୋଗ ପ୍ରାପ୍ତି, ଆନୁଷ୍ଠାନିକ କାର୍ଯ୍ୟ, ମର୍ଯ୍ୟାଦାଜନକ ସ୍ଥିତି, ସହକର୍ମୀଙ୍କ ବିରୋଧାଭାଷ, ଆର୍ଥିକ ଅନଟନ, ନୂତନ ବନ୍ଧୁତ୍ୱ ।।

**କର୍କଟ**
କାର୍ଯ୍ୟ କୁଶଳତା, ନୂତନ ଯୋଜନାରମ୍ଭ, ପ୍ରତିଯୋଗୀତାରୁ ଓହରିବେ, ବୁଝାମଣାରେ ବିତର୍କ, ସ୍ଥଗିତ ବିଦେଶ ଯାତ୍ରା, ପରିବହନରୁ ଲାଭ, ପ୍ରତିବନ୍ଧକ ଦୂର ହେବ, ଆତ୍ମୀୟଙ୍କ ସହାନୁଭୂତି ।।

**ସିଂହ**
ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆର୍ଥିକ ସଂକଟ, ସମ୍ପର୍କୀୟଙ୍କ ବଦାନ୍ୟତା, ପ୍ରଶାସନିକ ସ୍ଥିରତା, ରାଜନୈତିକ ଆଲୋଚନା, ମକଦ୍ଦମାରେ ବାଇଦା, ଗୃହନିର୍ମାଣରେ ଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ପାରିବାରିକ ସଦ୍‌ଭାବ, ବନ୍ଧୁଙ୍କ ଆକ୍ଷେପୋକ୍ତି ।।

**କନ୍ୟା**
ସାଂସ୍କୃତିକ କାର୍ଯ୍ୟ, ପଡୋଶୀଙ୍କ ସାହାଯ୍ୟ, ନିର୍ମାଣର ପୂର୍ଣ୍ଣତା, ସ୍ତ୍ରୀଙ୍କ ସୁପରାମର୍ଶ, ଆରୋଗ୍ୟ ଲାଭ, ଆର୍ଥିକ ଉନ୍ନତି, ପ୍ରତିରୋଧରୁ ବିଫଳତା, ପଦୋନ୍ନତିରେ ପ୍ରତିବନ୍ଧକ, ଗଠନମୂଳକ ପରାମର୍ଶ, ସାହିତ୍ୟାନୁରାଗ ।।

**ତୁଳା**
ଅର୍ଥନୈତିକ ବିବାଦ, ମାନସିକ ଚାପ, ପରୋକ୍ଷ ଶତ୍ରୁତା, ବିତର୍କରୁ ଅଶାନ୍ତି, କର୍ମହାନୀରୁ ସମାଲୋଚନା, ପାରିବାରିକ ପ୍ରତିବାଦ, ଯଶସମ୍ମାନ ପ୍ରାପ୍ତି, ପ୍ରକାଶନରେ ବିଳମ୍ବ, ବୈବାହିକ ଆଲୋଚନା, ଭ୍ରାତୃସମ୍ପର୍କରେ ଉନ୍ନତି ।।

**ବିଛା**
କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ବଦାନ୍ୟତା, ବ୍ୟାଙ୍କଋଣ ପ୍ରାପ୍ତି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ଶତ୍ରୁତାର ସମାଧାନ, ଶିକ୍ଷାରେ ଉନ୍ନତି, ପରିବହନରେ ସମସ୍ୟା, ଧାତୁ ଅଳଙ୍କାର କ୍ରୟ, ସନ୍ତାନଙ୍କ ଉଶୃଙ୍ଖଳତା, ରୋଗପୀଡା ହ୍ରାସ ।।

**ଧନୁ**
ପରିସ୍ଥିତି ବଦଳିବ, ନୂତନ ସମ୍ପର୍କ, ଆଶା ମଉଳିପାରେ, ପ୍ରତିରୋଧର ସାମ୍ନା, ବୁଝାମଣାରେ ଉନ୍ନତି, ବାଣିଜ୍ୟର ଅଭିବୃଦ୍ଧି, ଗଠନମୂଳକ ପରାମର୍ଶ, ବନ୍ଧୁଙ୍କ କୃତଜ୍ଞତା, ପ୍ରଶାସନିକ ସହାୟତା ।।

**ମକର**
ବନ୍ଧୁ ଗୃହକୁ ଯାତ୍ରା, ବସ୍ତ୍ରଭୂଷଣ ଲାଭ, ସ୍ୱଜନଙ୍କ ସହଯୋଗ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ଯାତ୍ରାରେ ବ୍ୟତିକ୍ରମ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପରିବହନରେ ସଂସ୍କାର, ସାଂସ୍କୃତିକ କାର୍ଯ୍ୟକ୍ରମ ।।

**କୁମ୍ଭ**
କର୍ମକ୍ଷେତ୍ରରେ ସମସ୍ୟା, ଲକ୍ଷ୍ୟ ପୂରଣ, ସଙ୍ଗୀତ ସାଧନାରେ ରୁଚି, ଉତ୍ସବାନୁଷ୍ଠାନକୁ ଆମନ୍ତ୍ରଣ, ଗୁପ୍ତ ମନ୍ତ୍ରଣାରେ ବିତର୍କ, କ୍ରନିକରୋଗରେ ପୀଡା, ଭୁଲ୍ ବୁଝାମଣାରୁ ମତାନ୍ତର, ନୂତନ ପ୍ରକଳ୍ପାରମ୍ଭ,ଋଣ ପରିଶୋଧ ।।

**ମୀନ**
ମାନସିକ ଶାନ୍ତି, ପରିଜନଙ୍କ ଅସହଯୋଗ, କାର୍ଯ୍ୟ ଅଟକିପାରେ, ବିବାଦରେ ବିଜୟ, ଏଜେନ୍ସିପର ପ୍ରସାର, ଚୁକ୍ତିପତ୍ର ସମ୍ପାଦନ, ଆଇନ ସହାୟତା, ସମୟୋଚିତ ପଦକ୍ଷେପ, ସଜ୍ଜନ ସମ୍ପର୍କ, ସ୍ଥାନାନ୍ତର ସୂଚନା ।।

## ବ୍ରେନ୍ ବୁଷ୍ଟର୍ସ

**ସୁ**ସ୍ଥ ରହିବା ପାଇଁ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇବା ଜରୁରୀ। ଏହି ଖାଦ୍ୟ ବ୍ୟକ୍ତିଙ୍କୁ ନୀରୋଗ ରଖିବା ସହ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଦୃଢ କରିଥାଏ। ହେଲେ ଏମିତି ବି କିଛି ଖାଦ୍ୟ ରହିଛି, ଯେଉଁ ଖାଦ୍ୟକୁ ଖାଇଲେ ବ୍ରେନ୍ ପାୱାର୍ ବଢିଥାଏ। ବିଶେଷକରି ପିଲାମାନଙ୍କୁ ଏହି ଖାଦ୍ୟ ଖାଇବାକୁ ଦେଲେ ସେମାନଙ୍କର ମାନସିକ ଶକ୍ତି ସକ୍ରିୟ ହେବା ସହ ପାଠ ଭଲ ମନେ ରହିଥାଏ। ଯେମିତିକି: **ଡ୍ରାଏଫ୍ରୁଟ୍ସ**– କୁହାଯାଏ, ପ୍ରତିଦିନ କିଛି କିଛି ପେସ୍ତା ବାଦାମ ଓ ଅଖରୋଟ ପିଲାମାନଙ୍କୁ ଖାଇବାକୁ ଦେଲେ ସେମାନଙ୍କର ମସ୍ତିଷ୍କ ବେଶ୍ ସକ୍ରିୟ ହୋଇଥାଏ। **ଅଣ୍ଡା:** ଏଥିରେ ପ୍ରୋଟିନ୍ ଏବଂ ଅନ୍ୟ ଜରୁରୀ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହୁଥିବାରୁ ପିଲାମାନଙ୍କୁ ଏହାକୁ ଖାଇବାକୁ ଦେଲେ ସେମାନଙ୍କର ଏକାଗ୍ରତା ଶକ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ। **ସବୁଜ ପନିପରିବା:** ଖାସ୍ କରି ଶିମ୍‌ଲା ଲଙ୍କା, ଗାଜର, ବ୍ରୋକଲି, ପାଳଙ୍ଗ ଶାଗ ତଥା ଅନ୍ୟାନ୍ୟ ତଟକା ପନିପରିବା ପିଲାମାନଙ୍କୁ ଖାଇବା ଦେଲେ ସେମାନଙ୍କ ଶରୀର ଭଲ ରହିବା ସହ ତାଙ୍କର ସ୍ମୃତିଶକ୍ତି ବି ପ୍ରଖର ହୋଇଥାଏ ବୋଲି କୁହାଯାଏ। **କ୍ଷୀର:** ବିଶେଷକରି ପାଠପଢୁଆ ପିଲାମାନଙ୍କ ପାଇଁ ନିୟମିତ କ୍ଷୀର ପିଇବା ଆବଶ୍ୟକ। କାରଣ ଏଥିରେ ସବୁ ପ୍ରକାରର ଭିଟାମିନ୍ ଭରି ରହିଥାଏ। ଆଉ ଏହା ସେମାନଙ୍କୁ ବଳୁଆ କରିବା ସହ ବୁଦ୍ଧିଆ ବି କରାଏ।



## ପାଠକୀୟ

* ସୁସ୍ଥ, ନୀରୋଗ ଜୀବନ ପାଇଁ ଏବେ ଜୈବିକ ଖାଦ୍ୟର ଗୁରୁତ୍ୱ ବଢିଛି, ଯେଉଁଥିପାଇଁ ଅନେକ ଚାଷୀ ଏବେ ଆପଣାଉଛନ୍ତି ଜୈବିକ ପ୍ରଣାଳୀରେ ଚାଷ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଜୈବିକ କୃଷି, ବଢୁଛି ଆଦର' ଏକ ସୁନ୍ଦର ଆଲେଖ୍ୟ ଥିଲା। 'ନୂଆ ଘର ପାଇଁ ବାସ୍ତୁ' ଏବଂ 'ଶିମ୍‌ଲା ଲଙ୍କା ଖାଇବାର ଫାଇଦା' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

*–ଶଶିଭୂଷଣ ଲେଙ୍କା, ବାଦାମବାଡ଼ି, କଟକ*

* କମ୍ ଜମିରେ ସ୍ୱଳ୍ପ ପରିମାଣର ବିହନ ବୁଣି ଅଳ୍ପଦିନରେ କିପରି ଅଧିକ ପରିମାଣର ଶସ୍ୟ ଉତ୍ପାଦନ ହୋଇପାରିବ ସେଥିପାଇଁ କେତେକେ ଆଧୁନିକ ଚାଷପ୍ରଣାଳୀ ସହ ବିଭିନ୍ନ ପ୍ରକାରର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରିଥାନ୍ତି। ହେଲେ ସୁସ୍ଥ ଓ ନୀରୋଗ ରହିବା ପାଇଁ ଏବେ ଆସ୍ତେ ଆସ୍ତେ ଲୋକ ଜୈବିକ କୃଷି ଆଡ଼କୁ ମୁହାଁଇଲେଣି। ସେଥିପାଇଁ ଦିନକୁ ଦିନ ଜୈବିକ କୃଷିର ଚାହିଦା ବଢିବାରେ ଲାଗିଛି। ତେଣୁ ଏଭଳି ଏକ ଉପାଦେୟ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋତେ ଖୁବ୍ ଭଲ ଲାଗିଥିଲା। 'ବୁଟ୍‌କଟ୍ ଜିନ୍ସ ଫ୍ୟାଶନ' ପାଠରୁ ବହୁତ କଥା ଜାଣି ଖୁସି ଲାଗିଲା।

*–ସରୋଜ ମହାରଣା, ପାଣିକୋଇଲି, ଯାଜପୁର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିତ୍ରଶିଳ୍ପୀ ତପନ କୁମାର ଦାଶଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସମ୍ପର୍କରେ ବହୁ ଅଜଣା କଥା ଜାଣି ଆଗକୁ ଯିବାକୁ ପ୍ରେରଣା ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜହ୍ନ ପରି ଝିଅଟିଏ' ଓ 'ସ୍ୱୀକାରୋକ୍ତି' ନାମକ କବିତା ଦୁଇଟି ତଥା 'ଚଡ଼କ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ ତାରା ସୁଟାରିଆଙ୍କ ଫଟୋଟି ଲାଗୁଥିଲା ଖୁବ୍ ଆକର୍ଷଣୀୟ।

*–ଚିତ୍ତରଞ୍ଜନ ସାହୁ, ଆଳି, କେନ୍ଦ୍ରାପଡ଼ା*

* ଅଭିନେତା ଅନନ୍ତ ନାରାୟଣ ରଥଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲି। ଅନ୍ୟପକ୍ଷେ ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଲାଗୁଥିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଅଜବ ସନ୍ତୁଳନ' ଏବଂ 'ମଣିଷ ନା ଭୂତ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ମଡେଲ୍ ମିରର୍‌ରେ ସ୍ୱାତୀଶ୍ରୀ ଖୁବ୍ ସୁନ୍ଦରୀ ଲାଗୁଥିଲେ। ପବିତ୍ର ତୀର୍ଥଭୂମି ହୋଡଲ ସମ୍ପର୍କରେ କିଛିଟା ନିଆରା କଥା ସହର ପୃଷ୍ଠାରୁ ଜାଣି ଖୁସି ଲାଗିଲା। *–ସୌମ୍ୟଶ୍ରୀ ବାରିକ, ସାକ୍ଷୀଗୋପାଳ, ପୁରୀ*

* 'ଧନୀ ପେଟ୍' ନାମକ ପାଠଟି ଯେତିକି ରୋଚକପୂର୍ଣ୍ଣ ଥିଲା ସେତିକି ତଥ୍ୟ ସମ୍ବଳିତ ବି ଥିଲା। ଏଥରର 'ଗୁରୁଜ୍ଞାନ' ଶୀର୍ଷକ ବ୍ୟଙ୍ଗ ଲେଖାଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଜୋତା ଆର୍ଟ', 'ରତ୍ନ ନୁହେଁ ଚିତ୍ର' ଏବଂ 'ସଫେଇ କର୍ମଚାରୀଙ୍କ ଦରମା ବାର୍ଷିକ କୋଟିଏ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଅତି ଚମତ୍କାର ଥିଲା।

*–ବେଣୁଧର ଭୋଇ, ଶହୀଦନଗର, ଭୁବନେଶ୍ୱର*

## ବିଶେଷ ଚିଠି




**ଏ**ଥରର ଛୁଟିଦିନରେ
ଜୈବିକ କୃଷି, ବଢୁଛି ଆଦର
ଶିଖାଇଗଲା ସେ ଅନେକ
କଥା କୃଷି ବିଷୟର।
ତା'ସାଙ୍ଗକୁ ପୁଣି ତୁମ
ସୃଜନର ଗପ, କବିତା
ସିନେମାର କାହାଣୀମାନ
ମନରୁ ଦୂରେଇନିଏ ବ୍ୟଥା।
ସେଥିପାଇଁ ତୁମେ ମୋର ପ୍ରିୟ
ସର୍ବଦା ଏମିତି ବିଜୟୀ ହୁଅ।

*–ସନ୍ଧ୍ୟାରାଣୀ ପଣ୍ଡା, ଚାନ୍ଦବାଲି, ଭଦ୍ରକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

**ସଡକ ମଣିଷକୁ କେବଳ ଖୁସି ଦିଏ ନାହିଁ, ସଡକ ବି ମଣିଷର ପରିଚୟ ତିଆରି କରେ। ଏଠାରେ ଏମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରୁଛୁ ଯାହାଙ୍କ ସଡକ ହେଉଛି ଗାଡି। ଏମାନେ କେବଳ ଗାଡିକୁ ଭଲ ପାଆନ୍ତିନି ନୂଆ ପୁରୁଣା ଅନେକ ଗାଡିକୁ ଯତ୍ନର ସହ ସାଇତି ରଖିବାରେ ଖୁସି ପାଆନ୍ତି...**





ସ୍ନେହାଶିଷ କର

# ସଡକ ଦେଇଛି ପରିଚୟ

**ସଂ**ଗ୍ରହାଳୟ କେବଳ ଜ୍ଞାନର ଗନ୍ତାଘର କି ବିଭିନ୍ନ ବିରଳ ସାମଗ୍ରୀର ସାଇତା ସମ୍ପଦ ନୁହେଁ ବରଂ ଏହାଦ୍ୱାରା ବହୁ ଜଣାଅଜଣା କଥା ଜାଣିହୁଏ। ଗବେଷଣା ପାଇଁ ସୂତ୍ର ମିଳେ। ଏମିତିରେ ହଜିଯାଉଥିବା ବହୁ ପୁରାତନ ବ୍ୟବହାରିକ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବା ଓ ମନେପକାଇବାର ସୁଯୋଗ ସୃଷ୍ଟି କରିଥାଏ। ତେବେ ଦେଶ ଓ ରାଜ୍ୟର ଅନେକ ସ୍ଥାନରେ ରହିଛି ବିଭିନ୍ନ ପ୍ରକାରର ସଂଗ୍ରହାଳୟ। କିନ୍ତୁ ଇଏ ଏମିତି ଏକ ସଂଗ୍ରହାଳୟ ଯେଉଁଠି ଦେଖିବାକୁ ପାଇବେ  ବହୁପୁରୁଣା ଦିନର ମୋଟର ସାଇକେଲ ଏବଂ ମୋଟରଗାଡ଼ି। ଏମିତି  ୨ଚକିଆ ତିନି ଚକିକା ଓ ଚାରିଚକିଆ ଆଦି ବିଭିନ୍ନମଡ଼େଲର ଯାନକୁ ନିଜସ୍ୱ ଉଦ୍ୟମରେ ସଂଗ୍ରହକରି ସାଇତି ରଖିଛନ୍ତି କେତେଜଣ ବ୍ୟକ୍ତି। ସେ ସମ୍ପର୍କରେ...

**ବୁଲେଟ୍ ରାଜା ସେହ୍ନାଶିଷ**–ଆଜକୁ ପ୍ରାୟ ୩ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ବିଭିନ୍ନ ସ୍ଥାନରୁ ନାନାପ୍ରକାରର ନୂଆ ପୁରୁଣା ବୁଲେଟ ସଂଗ୍ରହ କରୁଛନ୍ତି, ଯାହାକି ତାଙ୍କୁ ଦେଇଛି ଏକ ନିଆରା ପରିଚୟ। ପ୍ରଥମେ ସେ ୧୯୬୧ ମସିହାର ଗୋଟିଏ ରୟାଲ ଏନ୍‌ଫିଲ୍‌ଡ ବୁଲେଟ୍ ତାଙ୍କ ବାପାଙ୍କଠାରୁ  ଉପହାରସ୍ୱରୂପ ପାଇଥିଲେ। ଆଉ ସେବେଠାରୁ ଗୋଟିଏ ପରେ ଗୋଟିଏ ବିଭିନ୍ନ ମଡେଲର ଏକାଧିକ ବୁଲେଟ୍ ସଂଗ୍ରହ କରିବା ନିଶାରେ ପଡ଼ିଛନ୍ତି। ଏବେ ତାଙ୍କ ପାଖରେ ରହିଛି ବିଭିନ୍ନ ନୂଆପୁରୁଣା ମଡେଲର ବହୁ ନାମୀଦାମୀ ବୁଲେଟ୍। ଏଥିପାଇଁ ତାଙ୍କୁ ଅନେକେ 'ବୁଲେଟ୍ ରାଜା'  ଭାବେ ଜାଣନ୍ତି। ସେ ହେଲେ କଟକ ସୂତାହାଟର ସେହ୍ନାଶିଷ କର। ବୟସ ପ୍ରାୟ ୫୪ ହେବ। ସେ କୁହନ୍ତି, 'କଟକରେ ଆମର ଏକ ଜଣାଶୁଣା ପୁସ୍ତକ ପ୍ରକାଶନ ସଂସ୍ଥା ରହିଛି। ତା'ର ଦାୟିତ୍ୱ ବୁଝୁଛି। କିନ୍ତୁ ୧୯୬୧ମସିହାରେ ବାପା ଦେବବ୍ରତ କରଙ୍କଠାରୁ ଏକ ରୟାଲ ଏନ୍‌ଫିଲ୍‌ଡ ବୁଲେଟ୍ ଉପହାର ପାଇଥିଲି। ସେବେଠାରୁ ଆହୁରି ବିଭିନ୍ନ ପ୍ରକାର ବୁଲେଟ୍ ଚଲେଇବା ନିଶା ମନକୁ ଘାରିଥିଲା। ଏଥିପାଇଁ  ବିଭିନ୍ନ ମଡେଲ୍‌ର ବୁଲେଟ୍ ଘରେ ସାଇତି ରଖିଛି। ଆଜକୁ ଦୀର୍ଘ ୩୦ବର୍ଷ ଧରି ପ୍ରାୟ ୨୭ଟି ବୁଲେଟ୍ ସଂଗ୍ରହ କରିସାରିଛି। ଏମିତିରେ ମୋ ପାଖରେ ରହିଛି ୧୯୬୨ ମଡେଲର ୭ଟି ବୁଲେଟ୍। ତା'ପରେ ୧୯୬୪, ୧୯୬୮, ୧୯୭୪, ୧୯୮୧, ୧୯୮୪, ୧୯୮୫, ୧୯୯୦, ୧୯୯୫, ୨୦୦୪ ମସିହାର ବୁଲେଟ୍ ମଡେଲ ସହ ଆଜି ଯାଏ ମାର୍କେଟ୍‌କୁ ଆସିଥିବା ବିଭିନ୍ନ ମଡେଲର ବୁଲେଟ୍ ରହିଛି। ଘରେ ଏସବୁକୁ ସାଇତି ରଖିଛି। ଏମିତି ନୂଆପୁରୁଣା ବୁଲେଟ୍ କେତେକ କବାଡିଆଙ୍କଠାରୁ ମଧ୍ୟ ସଂଗ୍ରହ କରିବାକୁ ପଡ଼ିଛି। ଏମିତି ସବୁ ସଂଗ୍ରହକରି ରଖିଥିବା ବିଭିନ୍ନ ପ୍ରକାରର ବୁଲେଟ୍ ମରାମତି ପାଇଁ ଘରେ ଏକ ଗ୍ୟାରେଜ ରହିଛି। ଏହା ମୋତେ ଭିନ୍ନ ପରିଚୟ ଦେଇଛି।

**ପେସା ଅଧ୍ୟାପନା,  ନିଶା ବାଇକ ସଂଗ୍ରହ** –ପେସା ତାଙ୍କର ଶିକ୍ଷକତା କିନ୍ତୁ ନିଶା ବିଭିନ୍ନ ମଡେଲର ନୂଆପୁରୁଣା ବାଇକ ସଂଗ୍ରହକରି ସାଇତି ରଖିବା। ସେ ହେଲେ ଗହର୍ ଆବେଦିନ୍ । ଏକ ବେସରକାରୀ କଲେଜର ରିଡର ଅଛନ୍ତି। ଘର ଖୋର୍ଦ୍ଧା ଜିଲାର ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳୀପୁର ମଝିହରା ଗାଁରେ। ସେ କୁହନ୍ତି,  'ଆଜକୁ ପ୍ରାୟ ୨୦ବର୍ଷ ଧରି କେତେକ ପୁରୁଣା ମଡେଲ ବାଇକକୁ କେତେଜଣ ବାଇକ ମାଲିକଙ୍କଠାରୁ ସଂଗ୍ରହକରିଥିଲି। ଏଥିପାଇଁ ମୋତେ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏମିତିରେ ବୁଲେଟ୍, ରାଜଦୂତ, ଭେସ୍ପା ଓ ଲାମ୍ବ୍ରେଟା ସ୍କୁଟର ରହିଥିବାବେଳେ ଜାୱା, ଜେଡି ଆଦି ମଡେଲର ବୁଲେଟ୍ ରହିଛି। ଏମିତିରେ ସେ ପ୍ରାୟ ୧୨ଗୋଟି ବିଭିନ୍ନ ମଡେଲର ପୁରୁଣା ବାଇକ ରଖିଛି। ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଆଣିଥିବା ବିଭିନ୍ନ ମଡେଲର ବାଇକଗୁଡ଼ିକୁ ଆମ ଫାର୍ମ ହାଉସଠାରେ ସାଇତି ରଖିଛି। ଆଗକୁ  ଅଧିକ ସଂଖ୍ୟକ ମଡେଲର ବାଇକ ରଖିବାର ଆଶା ରଖିଛି।

→

ଆଲୋକ ମହାନ୍ତି




ଗହର୍ ଆବେଦିନ


ଅବିନାଶ

ଏମିତି ହଜିବାକୁ ଯାଉଥିବା ବିଭିନ୍ନ ପୁରୁଣା ମଡେଲର ମୋଟରଗାଡ଼ି ଓ ବାଇକକୁ ସାଇତି ରଖିବାରେ ମୋତେ ଖୁସି ମିଳେ।'

**ବୁଲେଟ୍ ବାଦ୍‌ଶାହା ଆଲୋକ**–ପିଲାଟି ବେଳୁ ବୁଲେଟ୍ ଚଢ଼ିବା ପ୍ରତି ରୁଚି ରଖିଥିବା ଆଲୋକ ମହାନ୍ତି ଏବେ ନାନା ରକମର ବୁଲେଟ୍ ସମେତ ଅନ୍ୟାନ୍ୟ ଗାଡ଼ିର ଜଣେ ଅନନ୍ୟ ସଂଗ୍ରାହକ ଭାବେ ବେଶ୍ ପରିଚିତ । କୋଭିଡ୍ ସମୟରେ ସୁନାରେ ତିଆରି ମାସ୍କ ପିନ୍ଧି ଚର୍ଚ୍ଚାର ପରିସରକୁ ଆସିଥିଲେ ଆଲୋକ। ସୁନା ପ୍ରତି ମଧ୍ୟ ତାଙ୍କର ଆକର୍ଷଣ ରହିଛି । କଟକ ସହରର କେଶରପୁର ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ଫର୍ନିଚର ବ୍ୟବସାୟୀ ହୋଇଥିଲେ ବି ତାଙ୍କର ନିଆରା ପ୍ରୟାସ ପାଇଁ ନିଜକୁ ସେ ବୁଲେଟ୍ ବାଦ୍‌ଶାହା ଭାବେ ଲୋକଙ୍କ ନିକଟରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ୧୯୪୯ମସିହାରୁ ୧୯୬୪ମସିହା ମଧ୍ୟରେ ବଜାର ପ୍ରବେଶ କରିଥିବା ରୟାଲ ଏନ୍‌ଫିଲ୍ଡ ବୁଲେଟ୍‌ର ଅଦ୍ୟାବଧି ୨୯ଟି ବିଭିନ୍ନ ମଡେଲକୁ ସଂଗ୍ରହ କରିପାରିଛନ୍ତି । ସେଗୁଡ଼ିକୁ ସଚଳ ଅବସ୍ଥାରେ ନିଜ ବାସଗୃହରେ ଯତ୍ନ ସହକାରେ ରଖିବା ସହ ପ୍ରତିଦିନ ସେଗୁଡ଼ିକର ରକ୍ଷଣାବେକ୍ଷଣ କରୁଛନ୍ତି । ଆଲୋକ ହେଉଛନ୍ତି କେଶରପୁରର ବାସିନ୍ଦା ସ୍ୱର୍ଗତ ଉମେଶ ଚନ୍ଦ୍ର ମହାନ୍ତି ଓ ସୁଷମା ମହାନ୍ତିଙ୍କ ସାନପୁଅ। ତାଙ୍କ ଜନ୍ମ ୨୪ ଜୁଲାଇ ୧୯୫୭ ମସିହାରେ। ଆଲୋକଙ୍କ କହନ୍ତି, 'ପିଲାବେଳେ ପ୍ରାୟ୧୫ ବର୍ଷ ବୟସରୁ ବୁଲେଟ୍ ପ୍ରତି ଏକ ଆକର୍ଷଣ ଆସିଯାଇଥିଲା। ସେତେବେଳେ ନିଜର କୌଣସି ଗାଡ଼ି ନ ଥିବା ବେଳେ ସାଙ୍ଗସାଥୀଙ୍କଠାରୁ ଆଣି ବୁଲେଟ୍ ଚଢ଼ିବାର ଇଚ୍ଛା ପୂରଣ କରୁଥିଲି । ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାରୁ ପ୍ରଥମେ ଏକ କପଡ଼ା ବ୍ୟବସାୟ ଆରମ୍ଭ କରିଥିଲି। ପରବର୍ତ୍ତୀ ସମୟରେ ଅନ୍ୟ ଏକ ବ୍ୟବସାୟ କରି ବେଶ୍ ସଫଳ ବି ହୋଇଥିଲି । ୨୦୦୧ମସିହାରୁ ଆରମ୍ଭ କରିଥିଲି ଆଲୋକ ଫର୍ନିଚର, ଯାହା ଏଯାଏ ଚାଲିଛି । ହେଲେ ଏତେସବୁ ବ୍ୟବସାୟିକ ବ୍ୟସ୍ତତା ମଧ୍ୟରେ ନିଜର ବୁଲେଟ୍ ଚଢ଼ା ସଉକ କେବେ ବି ହାତଛଡ଼ା ହୋଇନି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମଡେଲର ବୁଲେଟ୍ ସାଙ୍ଗକୁ ଅନ୍ୟାନ୍ୟ ପୁରୁଣା ଗାଡ଼ିକୁ କିଣି ସେଥିରେ ଅରିଜନାଲ ପାର୍ଟ୍ସ ଲଗାଇ ନିଜ ବାସଭବନ ପରିସରରେ ସଜେଇ ରଖେ। ମୁଁ ରଖୁଥିବା ଗାଡିକୁଡିକ ମଧ୍ୟରେ ରହିଛି ସାଇଡ୍ କାର୍, ଏମ୍‌ଟିଆର ୭୦୦ ସିସି, ଫ୍ଲାଇଂ ଫ୍ଲିଉ ୧୨୫ ସିସି ଓ ହାର୍ଲି ଡାଭିଡ୍‌ସନ୍ ଆଦି ଅନ୍ୟତମ। ୧୯୪୨ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ଫ୍ଲାଇଂ ଫ୍ଲିଉ ୧୨୫ସିସି ମଡେଲ ବୁଲେଟ୍ ଅତ୍ୟନ୍ତ ଆକର୍ଷଣୀୟ। ଅନ୍ୟତମ ଆକର୍ଷଣ ଭାବେ ୧୯୬୨ରେ ବଜାରକୁ ଆସିଥିବା ପିତ୍ତଳ ପାର୍ଟ୍ସ ବିଶିଷ୍ଟ ବୁଲେଟ୍ ରହିଛି। ତା'ଛଡା ମୋ ପାଖରେ ଅଛି ବେବି ଅଷ୍ଟିନ୍



କାବ୍ରିଓଲେଟ କାର୍, ଯାହାକି ବ୍ରିଟେନ ରାଣୀ ବ୍ୟବହାର କରୁଥିବା କାର୍‌ଗୁଡ଼ିକ ମଧ୍ୟରେ ଅନ୍ୟତମ ବୋଲି ଆଲୋକ କୁହନ୍ତି। ଏତେସବୁ ଗାଡ଼ିକୁ ବୈଧ ପଞ୍ଜୀକରଣ, ବୀମା, ଫିଟ୍‌ନେସ ସହ ଚାଲୁ ଅବସ୍ଥାରେ ରଖିବା ପାଇଁ ସେ କେତେଜଣ ଲୋକଙ୍କୁ ନିଯୁକ୍ତ ଦେଇଛି। ନାମଜାଦା ମେକାନିକ ଜାଫର ସିଦ୍ଦିକ ଓରଫ ମୁନ୍‌ସୀ ଗାଡ଼ିଗୁଡ଼ିକର ନିୟମିତ ମରାମତି କରିଥାନ୍ତି। ଏହି ସବୁର ରକ୍ଷଣାବେକ୍ଷଣ ବାବଦରେ ମାସକୁ ପ୍ରାୟ ୨୫ହଜାର ଟଙ୍କା ବ୍ୟୟ ହେଇଥାଏ। ଗାଡ଼ିଗୁଡ଼ିକ ଏକାଠି ପ୍ରଦର୍ଶନ କରିବା ପାଇଁ ଆଗାମୀ ଦିନରେ ଏକ ମ୍ୟୁଜିୟମ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ବିଦ୍ୟାର୍ଥୀ ଓ ଗାଡିରେ ସଉକ ଥିବା ଲୋକମାନେ ପୁରୁଣା ଗାଡ଼ିଗୁଡ଼ିକ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ତେଣୁ ସରକାର ଏଥିପାଇଁ ସହଯୋଗର ହାତ ବଢ଼ାଇ ଜାଗା ଯୋଗାଇଦେଲେ ଜନସାଧାରଣଙ୍କ ପାଇଁ ମ୍ୟୁଜିୟମ କରିପାରନ୍ତି।' ପ୍ରତିବର୍ଷ ସ୍ୱାଧୀନତା ଦିବସରେ ବୁଲେଟ୍‌ର ଜନ୍ମଦିନ ପାଳନ କରନ୍ତି ଆଲୋକ। ସେଦିନ ସବୁ ଗାଡ଼ିକୁ ଧୋଇ ଏକାଠି ରଖନ୍ତି । ପୁରୋହିତଙ୍କୁ ଡାକି ପୂଜାର୍ଚ୍ଚନା କରନ୍ତି । ସାଙ୍ଗସାଥୀ, ବନ୍ଧୁ, ପରିଜନଙ୍କ ମେଳରେ ଜନ୍ମଦିନ କେକ୍ ମଧ୍ୟ କାଟନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟୂନ ୨ ଶହ ଲୋକଙ୍କୁ ଭୋଜିରେ ଆପ୍ୟାୟିତ କରିଥାନ୍ତି ।

**ପିତାଙ୍କ ରାସ୍ତାରେ ପୁତ୍ର ଅବିନାଶ**

ଆଲୋକଙ୍କ ପୁତ୍ର ଅବିନାଶ ମଧ୍ୟ ପିତାଙ୍କ ବୁଲେଟ୍ ପ୍ରୀତିକୁ ଆପଣେଇ ନେଇଛନ୍ତି । ମୁମ୍ବାଇର ହ୍ୱିସିଲ ଉଡ୍‌ସ ଇଣ୍ଟରନ୍ୟାଶନାଲରେ ସେ ୨୦୧୩ରେ ସିନେମାଟୋଗ୍ରାଫି ପାଠ୍ୟକ୍ରମରେ ଅଧ୍ୟୟନ କରି ଏବେ ସିନେମା ସହିତ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମରେ ବେଶ୍ ସକ୍ରିୟ ଅଛନ୍ତି । ସେ ମଧ୍ୟ ବାପାଙ୍କ ଭଳି ନାଁ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ଓଡ଼ିଶା ଟୁରିଜମ୍‌କୁ ପ୍ରୋମୋଟ କରିବାରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି । ୨୦୧୬ରେ ପ୍ରୋ–ଅଟୋମେଶନ ପ୍ରତିଯୋଗିତାରେ ବିରଳ ମଡେଲର ପୁରୁଣା ଗାଡ଼ିଗୁଡ଼ିକୁ ପ୍ରଦର୍ଶିତ କରାଇ ସେ ପୁରସ୍କୃତ ହୋଇଛନ୍ତି । ଆଗାମୀ ଦିନରେ ତାଙ୍କର ପୁରୁଣା ଗାଡ଼ି ସଂଗ୍ରହ କାର୍ଯ୍ୟକୁ ସେ ଆହୁରି ଆଗକୁ ନେବେ ବୋଲି ଅବିନାଶ କହିଛନ୍ତି।

କେବଳ ଏଇ କେତେଜଣ ନୁହନ୍ତି ଏମାନଙ୍କ ବ୍ୟତୀତ ଆହୁରି ଅନେକ ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନେ ନୂଆ ପୁରୁଣା ଅନେକ ମଡେଲର ଗାଡି ରଖିବାରେ ଆନନ୍ଦ ପାଆନ୍ତି।

**–ବନବିହାରୀ ବେହେରା, କାର୍ତ୍ତିକ ସାହୁ**








# ଫୁଲରୁ ସୌନ୍ଦର୍ଯ୍ୟ

**ଏମିତି କେତେକ ଫୁଲ ଅଛି, ଯେଉଁଥିରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍ସ ଓ ମିନେରାଲ୍ସ ରହିଥାଏ। ସେଥିପାଇଁ ଏହି ଫୁଲଗୁଡ଼ିକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ବ୍ୟୁଟି ପ୍ରଡକ୍ସ ତିଆରି ହୋଇଥାଏ। କିନ୍ତୁ ଉକ୍ତ ବ୍ୟୁଟି ପ୍ରଡକ୍ସକୁ ତ୍ୱଚାରେ ନ ଲଗାଇ ଯଦି ସିଧାସଳଖ ଏହି ଫୁଲଗୁଡ଼ିକୁ ବିଭିନ୍ନ ଉପାୟରେ ତ୍ୱଚାରେ ଲଗାଯାଏ ତା'ହେଲେ କିଭଳି ଉପକାର ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



ବ୍ୟୁଟି ପ୍ରଡକ୍ଟ ତିଆରି କରିବାରେ ଫୁଲର ବ୍ୟବହାର ସବୁଠୁ ଅଧିକ ହୋଇଥାଏ ବୋଲି ସର୍ବେକ୍ଷଣ କୁହେ। କାରଣ ଫୁଲରେ ଏମିତି ଅନେକ ପ୍ରକାରର ଭିଟାମିନ୍ସ ଓ ମିନେରାଲ୍ସ ରହିଥାଏ, ଯାହା କେତେକ ତ୍ୱଚାଜନିତ ସମସ୍ୟାରୁ ମୁକ୍ତି ଦେବାରେ ସହାୟକ ହୋଇଥାଏ। ଏହା ତ୍ୱଚାକୁ କେବଳ ମଇଶ୍ଚରାଇଜ୍ କରିଥାଏ ତାହା ନୁହେଁ ଅଧିକନ୍ତୁ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ପାଇଁ ବ୍ରଣ ତଥା କଳାଦାଗ ସମସ୍ୟାରୁ ବି ଅନେକାଂଶରେ ଉପଶମ ମିଳିଥାଏ। ତେବେ କେଉଁ ଫୁଲକୁ କିଭଳି ବ୍ୟବହାର କଲେ ତ୍ୱଚା ଆକର୍ଷଣୀୟ ହେବା ସହ ବିଭିନ୍ନ ତ୍ୱଚାଜନିତ ସମସ୍ୟା ଦୂର ହେଇପାରିବ ଜାଣନ୍ତୁ ସେ ସମ୍ପର୍କରେ...

* **ଗୋଲାପ ଫୁଲ:** ଏହି ଫୁଲ ସାଧାରଣତଃ ହାଇଡ୍ରେଟିଙ୍ଗ୍ ତଥା କୁଲିଂ ନେଚର୍‌ର ହୋଇଥାଏ। ସେଥିପାଇଁ ଅନେକେ ତ୍ୱଚାକୁ ମଇଶ୍ଚରାଇଜ୍ କରିବାକୁ ତଥା ତ୍ୱଚାରେ ଥିବା ପୋର୍ସକୁ ବନ୍ଦ କରିବାକୁ ମୁହଁରେ ଗୋଲାପ ଜଳ ଲଗାଇଥାନ୍ତି। ତେବେ ବ୍ୟୁଟିସିଆନ୍‌ଙ୍କ ମତରେ ଯଦି ଆପଣଙ୍କ ପାଖରେ ଗୋଲାପ ଜଳ ନାହିଁ, ତା'ହେଲେ କିଛି ଗୋଲାପ ଫୁଲର ପାଖୁଡ଼ାକୁ ବାଟି ମୁହଁରେ ସିଧାସଳଖ ଲଗାଇଲେ ବି ଅନେକ ସୁଫଳ ମିଳିପାରିବ।

* **ପଦ୍ମ ଫୁଲ:** ଏହି ଫୁଲରେ ପ୍ରଚୁର ପରିମାଣରେ ଭିଟାମିନ୍ସ ରହିଥାଏ, ଯାହା ତ୍ୱଚାକୁ ଆର୍ଦ୍ର ରଖିବାରେ ସହାୟକ ହୋଇଥାଏ। ତା'ଛଡ଼ା ଏଥିରେ ଆଣ୍ଟି ଏଜିଙ୍ଗ୍ ଗୁଣ ବି ଥାଏ। ତେଣୁ ପଦ୍ମ ଫୁଲର ପାଖୁଡ଼ାକୁ ବାଟି ମୁହଁରେ କିଛିଦିନ ଲଗାଇଲେ ବୟସ ଛାପ ଧୀରେ ଧୀରେ କମିବା ସହ ବ୍ରଣ ସମସ୍ୟା ମଧ୍ୟ ଦୂର ହୋଇଥାଏ।


* **ଗେଣ୍ଡୁ ଫୁଲ:** ଶୀତଦିନେ ମୁଖ୍ୟତଃ ଗେଣ୍ଡୁଫୁଲ ବହୁତ ପରିମାଣରେ ମିଳିଥାଏ। କିନ୍ତୁ ଆଜିକାଲି ମାର୍କେଟ୍‌ରେ ବାରମାସୀ ଗେଣ୍ଡୁଫୁଲ ଦେଖିବାକୁ ମିଳୁଛି। ତେବେ ସେ ଯାହା ବି ହେଉ, ଗେଣ୍ଡୁ ଫୁଲରେ ଆଣ୍ଟି ଇନ୍‌ଫ୍ଲାମେଟୋରି ଗୁଣ ରହୁଥିବାରୁ ଏହାକୁ ବାଟି ମୁହଁରେ ଲଗାଇଲେ ତ୍ୱଚା କୋମଳ ହେବା ସହ ବୟସ ଛାପ ଧୀରେ ଧୀରେ କମିଥାଏ ବୋଲି ବ୍ୟୁଟିସିଆନ୍‌ମାନେ ମତ ଦେଇଥାନ୍ତି।

* **ମଲ୍ଲୀ ଫୁଲ:** ସାଧାରଣତଃ ଏହି ଫୁଲକୁ ବିଭିନ୍ନ ପ୍ରକାରର ଲୋଶନ, ଫେଶ୍ କ୍ରିମ୍, ସାବୁନ ତଥା କେତେକ ବ୍ୟୁଟି ପ୍ରଡକ୍ଟ ତିଆରି କରିବାରେ ବ୍ୟବହାର କରାଯାଇଥାଏ। ଆପଣ ଚାହିଁଲେ ତ୍ୱଚାରେ ଚମକ ଆଣିବା ପାଇଁ ଏହି ଫୁଲକୁ ବାଟି ମୁହଁରେ ଲଗାଇପାରିବେ। ନଚେତ୍ ସଫା ପାଣିରେ କିଛି ସମୟ ପାଇଁ ଉକ୍ତ ଫୁଲକୁ ବତୁରାଇ ତାହାକୁ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରିଦେବେ। ପ୍ରତିଦିନ ସେହି ପାଣିକୁ ତୁଳାରେ ନେଇ ମୁହଁକୁ ପୋଛିଲେ ତ୍ୱଚା କୋମଳ ହେବା ସହ ଚମକ ଆସିଥାଏ ବୋଲି କୁହାଯାଏ।


* **ସୂର୍ଯ୍ୟମୁଖୀ ଫୁଲ:** ତ୍ୱଚାରେ ସନ୍‌ବର୍ନ ସମସ୍ୟା ଦେଖାଯାଉଥିଲେ କିଛି ସୂର୍ଯ୍ୟମୁଖୀ ଫୁଲର ପାଖୁଡ଼ାକୁ ବାଟି ମୁହଁରେ ଲଗାଇଲେ ଧୀରେ ଧୀରେ ଏହି ସମସ୍ୟା ଦୂର ହୋଇଯାଏ ବୋଲି କୁହାଯାଏ।


* **ଯୂଇ, ଚମ୍ପା ତଥା ମଲ୍ଲୀ ଫୁଲ:** ଏହି ତିନୋଟି ଫୁଲରୁ କିଛି କିଛି ନେଇ ନଡ଼ିଆ ତେଲରେ ଭଲ ଭାବେ ଫୁଟାଇ ତାହାକୁ ଛାଣି ଗୋଟିଏ ବୋତଲରେ ରଖିବେ। ପ୍ରତିଦିନ ସେହି ତେଲକୁ ଶରୀରରେ ମାଲିସ କଲେ ତ୍ୱଚାର ରୁକ୍ଷପଣ ଦୂର ହୋଇଥାଏ। ତା'ସହିତ ଏହି ତେଲକୁ କେଶରେ ଲଗାଇଲେ ମଧ୍ୟ କେଶ କଳା ଏବଂ ମୁଲାୟମ୍ ହୋଇଥାଏ।







# ପାଠକୀୟ ସ୍ୱୀକୃତି ମୋ ପାଇଁ ସବୁକିଛି








ଦୀର୍ଘ ତିନି ଦଶନ୍ଧିରୁ ଅଧିକ ହେବ ସେ ରଚନା କରିଚାଲିଛନ୍ତି ଏକାଧିକ ଗଳ୍ପ, ନାଟକ, ଉପନ୍ୟାସ ପୁଣି ଇଞ୍ଜିନିୟରିଂ ଓ ବାସ୍ତୁଶାସ୍ତ୍ର ସମ୍ପର୍କିତ ଅନେକ ପୁସ୍ତକ । କେତେକ ହିନ୍ଦୀ ଓ ଇଂଲିଶ ପୁସ୍ତକକୁ ଅନୁବାଦ ମଧ୍ୟ କରିଛନ୍ତି। ତାଙ୍କ ରଚିତ ବିଭିନ୍ନ ଗପକୁ କେତୋଟି ଘରୋଇ ଟେଲିଭିଜନର ଧାରାବାହିକ ଭାବେ ପ୍ରସାରଣ ବି କରାଯାଇଛି। ଏମିତିରେ ସେ ଟିଭି ସିରିୟଲରେ ଅଭିନୟ କରିବା ସହ ଏକ ସୌଖୀନ ନାଟ୍ୟ ସଂସ୍ଥାର ସକ୍ରିୟ ସଦସ୍ୟ ଅଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ସଂସ୍ଥାରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଇଂ ଅଜୟ ମହାପାତ୍ର। ଜନ୍ମ-୨୧।୦୭।୧୯୭୧ ମସିହାରେ। ପିତା ବାଲ୍ମୀକି ମହାପାତ୍ର। ମାତା ଧନିଶ୍ରୀ ମହାପାତ୍ର। ଘର ପୁରୀଜିଲାର ଚିଲିକା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବଡ଼ଖାଡ଼ ଗାଁରେ। କିନ୍ତୁ ଆଜିକାଲି ସେ ରୁହନ୍ତି ଭୁବନେଶ୍ୱରରେ। ସେ କୁହନ୍ତି,'ଗାଁ ନିକଟସ୍ଥ କମଳେଶ୍ୱର ବିଦ୍ୟାପୀଠରେ ୧୦ମ ଯାଏ ପଢ଼ିଲି । ସେଇ ସ୍କୁଲ ବୟସରୁ ମୋ ଗାଁ ଓ ଚିଲିକାର ପ୍ରାକୃତିକ ପରିବେଶରେ ଘଟୁଥିବା ଅନେକ ଚଳନ୍ତି ଘଟଣା ମୋତେ ଗପ ଲେଖିବାରେ ଖୋରାକ ଦେଉଥିଲା। ମୋର ମନେ ପଡୁଛି ସ୍କୁଲ ସମୟରେ ଏକ ନାଟକ ଲେଖିଥିଲି ପୁଣି ଗୋଟିଏ କବିତା ବି ଲେଖିଥିଲି, ମାତ୍ର ସେ ସବୁକୁ ସାଇତି ରଖିପାରିନି। ୧୦ମ ପରୀକ୍ଷା ପରେ ଖରାଛୁଟିରେ ଏକ ଗପ ଲେଖିଥିଲି। ଏହାପରେ ଆଶା, ସମାଧି ଆଦି ଛୋଟଛୋଟ ନାଟକ ଲେଖିଥିଲି। ଏହାସହ ଅଭିନୟ ବି କରୁଥିଲି। ପ୍ରଥମ ଅଭିନୟ ଥିଲା ଶ୍ରୀଗଣେଶ ଗୀତିନାଟ୍ୟ। କିନ୍ତୁ ଯେତେବେଳେ ଗାଁ ଛାଡ଼ି ଆସି ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ପଢ଼ିଲି ସେତେବେଳେ ଅଧିକାଂଶ ସମୟ ମୋ ମନକୁ ଗପ, ଉପନ୍ୟାସ ଓ ନାଟକ ଲେଖିବାର ନିଶାଘାରୁଥିଲା। ଏମିତିରେ ବାଣପୁରର ଶାଳିଆ ନଈ, ଘଣ୍ଟଶିଳା ପାହାଡ଼, ଅଙ୍କାବଙ୍କା ବିଲଗହୀର ରାସ୍ତା, ପଲ୍ଲୀ ପରିବେଶ, ବରବରା ଜଙ୍ଗଲରେ ରହୁଥିବା ଲୋକମାନଙ୍କ ବିଭିନ୍ନ ଘଟଣା ମୋ ଲେଖାର ଉତ୍ସ ପାଲଟିଥାଏ। ବାଣପୁର କଲେଜରୁ ପଢ଼ାସାରିବା ପରେ ବାଙ୍ଗାଲୋରରେ ଯାଇ ଇଞ୍ଜିନିୟରିଂ ପଢ଼ିଥିଲି। ସମୟକ୍ରମେ ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଛି। ଏବେ ଓଡ଼ିଶା ସରକାରଙ୍କ ଗ୍ରାମନିର୍ମାଣ ବିଭାଗରେ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ରହିଛି। ଘରେ ସମସ୍ତେ ଶୋଇଯିବା ପରେ ରାତିରେ ଅନେକ ବେଳଯାଏ ଲେଖେ। ମୋର ଚାରିପାଖର ଚଳନ୍ତି ଘଟଣା ହିଁ ମୋତେ ଗପ ଲେଖିବାକୁ ଖୋରାକ ଯୋଗାଇଥାଏ। କୌଣସି ଲେଖାଟିଏ ଲେଖିବା ପୂର୍ବରୁ ପ୍ରଥମେ ଅନୁଭବ କରିଥିବା କିଛି ଘଟଣା ମନକୁ ଆସେ କିଛି ଘଟଣା ଚାଲିଯାଏ। କିନ୍ତୁ ଆଉ କିଛି ଘଟଣା ମନରୁ ଯାଏନା, ସେସବୁ ବାରମ୍ବାର ମନକୁ ଆନ୍ଦୋଳିତ କରୁଥାଏ। ତାହା ଧୀରେଧୀରେ କାହାଣୀ ପାଲଟିଯାଏ। ଗପର ରୂପନିଏ। ପ୍ରଥମେ ସଂକ୍ଷିପ୍ତ ବିବରଣୀ, ପରେ ଚରିତ୍ରମାନଙ୍କୁ ସଜାଡ଼େ। ଏମିତିରେ ସ୍ଥାନ, କାଳ ଓ ପାତ୍ର ବାଛିଥାଏ। ଗପର ଆରମ୍ଭ, ମଧ୍ୟଭାଗ ଓ ପରିଣତି ସମ୍ପର୍କରେ ପ୍ରଥମରୁ ହିଁ ସ୍ଥିରକରେ। ସମୟକ୍ରମେ କେତୋଟି ସିରିୟଲରେ ଛୋଟଛୋଟ ଭୂମିକାରେ ଅଭିନୟ କରିଛି। ପୁଣି ନାଟକରେ ଅଭିନୟ ପୂର୍ବରୁ ଅନେକ ଚରିତ୍ର ସମ୍ପର୍କରେ ଭଲରେ ବୁଝିବାକୁ ଚେଷ୍ଟା କରିଥାଏ। ନାଟକରେ ରାଜା, ପ୍ରଜା, ମୂକ, କାଲା ଓ କିନ୍ନର ଆଦି ଭୂମିକାରେ ଅଭିନୟ କରିସାରିଛି। ଥରେ ଏକ ଅଭିନୟ ପାଇଁ ଦୁଇଜଣ କିନ୍ନରଙ୍କ ସହିତ ଦୁଇଦିନ ରହିଥିଲି। ସେହିଭଳି ଗରିବ ମଜୁରିଆଙ୍କ ଝୁମ୍ପୁଡ଼ିରେ ବି ସମୟ ବିତେଇଛି। ସମୟକ୍ରମେ କେତୋଟି ସିରିୟଲରେ ଛୋଟଛୋଟ ଭୂମିକାରେ ଅଭିନୟ କରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ଟି ଗଳ୍ପ ପୁସ୍ତକ ମଧ୍ୟରେ ବାଞ୍ଛ, ଆଶା, ପବିତ୍ରପାପ, ଫାଶୀ, ଉଲ୍ଲଂଘନ, ପରପୁରୁଷ, ଭୋଟ। ଦୁଇଟି ଉପନ୍ୟାସ- ଅସ୍ପୃଶ୍ୟ ଓ ମହାରାଜା। ୧୨ଟି ନାଟକ ମଧ୍ୟରେ- ସମାଧି, କଥା ରହିଯିବ କାଳକାଳକୁ, କୁଳାଙ୍ଗାର, ଶୁଭବିବାହ, ପବିତ୍ର ପାପ, ପରପୁରୁଷ, କଟିକଟି ଡବଲକଟି, ଅନ୍ତିମ ଭିକ୍ଷା ରହିଛି। ସେହିପରି ପ୍ରାୟ ୨୧ଟି ସିଭିଲ ଇଞ୍ଜିନିୟରିଂ ଓ ବାସ୍ତୁପୁସ୍ତକ ରଚନା କରିଛି। ସେଥିମଧ୍ୟରୁ – ବାସ୍ତୁବିଜ୍ଞାନ ଓ ଗୃହନିର୍ମାଣ, ଗୃହସଜା, ଡିଜାଇନ ବୁକ୍, ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ବାସ୍ତୁସୂତ୍ର, ବୈଦିକ ବାସ୍ତୁକଳା ଓ ଗୃହନିର୍ମାଣ, ବାସ୍ତୁଦୋଷ ପ୍ରତିକାର, ଗୃହ ରକ୍ଷଣାବେକ୍ଷଣ, ଭୂମି ସର୍ଭେ, ବାସ୍ତୁ ସିଦ୍ଧାନ୍ତ ଆଦି ପୁସ୍ତକ ରହିଛି। ଅନ୍ୟପକ୍ଷେ ମୋ ରଚିତ ଅନେକ ଗଳ୍ପ ଟେଲିସିନେମା, ଟେଲିସିରିୟଲ ଓ ନାଟକରେ ରୂପାନ୍ତରିତ ହୋଇଛି। ସେଥିମଧ୍ୟରୁ ଇ ଟିଭିର ଟାଇମପାସ୍ ସିରିୟଲ ଏବଂ ଓ ଟିଭିର 'କଥା ସରେନା' ସିରିୟଲରେ ପ୍ରସାରଣ ହୋଇସାରିଛି। ପରିବାର କହିଲେ ଏକ ଯୌଥ ପରିବାରରେ ଖୁସିରେ ଚଳୁଛୁ। ମୋ ସାହିତ୍ୟକୃତି ପାଇଁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ, ରାଜଧାନୀ ପୁସ୍ତକ ମେଳା, ଫୁଲବାଣୀ ପୁସ୍ତକ ମେଳା, ଆମ ଭୁବନେଶ୍ୱର ସାହିତ୍ୟ ସମ୍ମାନ, ତଥାସ୍ତୁ ସାହିତ୍ୟ ସମ୍ମାନ, କଥାକଳିକା ସମ୍ମାନ, ବ୍ରହ୍ମପୁର ସାହିତ୍ୟ ପରିଷଦ, ମଧୁସୂଦନ ସାଂସ୍କୃତିକ ପରିଷଦ-୨୦୨୨, ଦର୍ଶନସମ୍ମାନ-୨୦୧୮, ୯ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ-୨୦୧୯, ଏକା ସମ୍ମାନ-୨୦୧୬, ପରାଗ ସାହିତ୍ୟ ସଂସଦ-୨୦୨୨ଆଦି ଅନେକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି । ଅନେକ ପୁରୁଣା କାଳଜୟୀ ଗପ ପଢ଼ିବାକୁ ଭଲପାଏ। ଏମିତିରେ ୧୯୮୫ମସିହାଠାରୁ ଏଯାଏ ଲେଖା ଚାଲୁରହିଛି। କିନ୍ତୁ ପୁରସ୍କାର ଅପେକ୍ଷା ପାଠକୀୟ ସ୍ୱୀକୃତି ମୋ ପାଇଁ ସବୁଠୁ ଅଧିକ । କାରଣ ଆଜିକାଲି ଜଣେ ଭଲପାଠକ ମିଳିବା କଷ୍ଟକର ।

–ବନବିହାରୀ









# ନୀଳ ପରୀ

–ତପନ କୁମାର ପଣ୍ଡା

ଗଲା ଚଉଦ ବର୍ଷ ହେଲା ମୁଁ ଦକ୍ଷିଣ ଫ୍ରାନ୍ସର ଏଇ ସହରକୁ ପ୍ରତି ଶୀତର ଶେଷ ଆଉ ବସନ୍ତ ଋତୁ ଆରମ୍ଭରେ ଆସୁଛି । ବୋର୍ଡିଓ ସହର ମତେ ବିଭିନ୍ନ କାରଣ ପାଇଁ ଆକର୍ଷିତ କରେ । ପାଠ ପଢେଇବା ପାଇଁ ନୂଆ ନୂଆ ଯେବେ ଆସୁଥିଲି, ଏଇ ସହର ବିଷୟରେ ଅନେକ କଥା ଶୁଣିଥିଲି – କେମିତି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ସୈନ୍ୟମାନେ ପ୍ରାୟ ଷାଠିଏ ହଜାର ଫରାସୀ ନାଗରିକଙ୍କୁ ହତ୍ୟା କରିଥିଲେ । ପ୍ରଥମଥର ପାଇଁ ମୁଁ ଜେଆର୍ଡିନ ପବ୍ଲିକ ଟ୍ରାମ ଷ୍ଟେସନ ପାଖରେ ସୋଫିଆ ଓ ଆଣ୍ଟୋନିଓଙ୍କ ଘରେ ରହିଥିଲି ଆଉ ଗଲା ଚଉଦ ବର୍ଷ ହେଲା ସେଇଠି ଅଟକି ଯାଇଛି । ସୋଫିଆ ଫ୍ରେଞ୍ଚ ରମଣୀ, ସୁନ୍ଦରୀ, ସ୍କୁଲରେ ଚାକିରୀ କରେ ଓ ଆଣ୍ଟୋନିଓ ବ୍ରାଜିଲର ଲୋକ – ଗୃହ ସ୍ୱାମୀ ! ଘରର ଯାବତୀୟ କାମ କରେ । ଆଣ୍ଟୋନିଓ ଘର କାମ କରୁଥିଲା ବେଳେ ଯଦି ମୋର ତା' ସହ ଦେଖା ହୁଏ ତେବେ 'ବନଜୌର' (ହେଲୋ) ବୋଲି କହେ ; ମୁଁ ହସିଦେଇ ପ୍ରଥମ ମହଲାକୁ ଚଢ଼ିଯାଏ । ମୋ ହସର ଅର୍ଥ ସେ କଣ ବୁଝେ କେଜାଣି – କିନ୍ତୁ ଘର କାମ କରୁଥିବା ଭାରତୀୟ ପୁରୁଷକୁ ଏତିକି ହସିଦେଲେ ତା ଆତ୍ମସମ୍ମାନକୁ ବାଧା ଆସିବ ଏକଥା ମୁଁ ନିଶ୍ଚିତ ଥିଲି । ଆମ ସମାଜରେ ଗୃହିଣୀକୁ ତା'ର କାମ ପାଇଁ ସମ୍ମାନ ନ ଦେବା ଯେପରି ଗୋଟିଏ ପୁରୁଷଗତ ଅଧିକାର, ସେମିତି ବିଦେଶରେ ନୁହେଁ । ସ୍ତ୍ରୀ ଲୋକଟି ସ୍ୱଚ୍ଛନ୍ଦରେ ବାହାରେ କାମ କରିପାରିବ ଆଉ ପୁରୁଷଟି ଘର ସମ୍ଭାଳି ପାରିବ – ଏ କଥାରେ କିଛି ପ୍ରଳୟ ହେବାର ନାହିଁ । ପାଞ୍ଚବର୍ଷ ତଳେ ସେମାନେ ମତେ ଆଉ ଗୋଟିଏ ନୂଆ ପରିବାର ସହ ଚିହ୍ନା କରେଇ ଦେଇଥିଲେ – ଇଲିଆନା, ଫ୍ରାଙ୍କୋଇସ ଆଉ ତାଙ୍କର ସାତ ବର୍ଷର ଝିଅ ଜସ୍ମିନ । ମୁଁ ଏଥର ବୋର୍ଡିଓକୁ ଆସିବାର ଦୁଇ ସପ୍ତାହ ହେଇଗଲାଣି କିନ୍ତୁ ବର୍ଷା ଥମିବାର ନାଁ ନେଉନି । ପୃଥିବୀର ସବୁଠୁ ଭଲ ସୁରା ବୋର୍ଡିଓରେ ମିଳେ । ସେଥିପାଇଁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏଇ ସହରକୁ ଆସନ୍ତି ଅଥଚ ଅଙ୍ଗୁର ଠିକ ପାଚିଲା ବେଳକୁ ଏଇ ବର୍ଷା ଲୋକଙ୍କୁ ଚିନ୍ତାରେ ପକେଇଦେଇଥିଲା । ସହର ସାରା ସମସ୍ତଙ୍କ ଘରେ ସେଇ ଆଲୋଚନା । ଅଙ୍ଗୁର ଅର୍ଥନୀତିରେ ଏଇ ବର୍ଷା ଯେ କେତେ ଘାତକ ଏକଥା ସବୁଆଡେ ଚର୍ଚ୍ଚା । ମଣିଷ ବେଳେ ବେଳେ ଭାବେ ଯେ, ସେ ପ୍ରକୃତି ଉପରେ ଜୟ କରି ସାରିଛି । ଅଥଚ ପ୍ରକୃତିର କରାଳ ରୂପ ସାମ୍ନାରେ ଆମେ କେତେ ଯେ ଅସହାୟ ସେ କଥା ଫ୍ରାଙ୍କୋଇସ ସହ କଥା ହେଲାବେଳେ ମୁଁ ଜାଣିପାରିଲି । କିନ୍ତୁ ଏଥର ବ୍ୟତିକ୍ରମ ଏଇୟା ଯେ, ମୋର ଆସିବାର ଦୁଇ ସପ୍ତାହ ପରେ ବି ଜସ୍ମିନ ସହ ଦେଖା ହୋଇ ନ ଥିଲା । ମୁଁ କାର୍ଯ୍ୟବ୍ୟସ୍ତତା ଭିତରେ ଏ ବିଷୟରେ ଆଣ୍ଟୋନିଓକୁ ପଚାରି ପାରିନି । ଏଇ ବର୍ଷା ଭିତରେ ଦୁଇଜଣ ଭାରତୀୟ ଛାତ୍ରୀ ରବିବାର ଦିନ ମତେ ଡିନର ପାଇଁ ଡାକିଥିଲେ । କିନ୍ତୁ ସେଇ ଦିନ ଯେ, ସବୁ ରେଷ୍ଟୁରାଣ୍ଟ ବନ୍ଦ ଏକଥା ଆଗରୁ ବୁଝି ନଥିଲି, ଶେଷରେ ବର୍ଷାରେ ଭିଜି ସ୍ୱାଦହୀନ ପିଜ୍ଜା ଖାଇ ମୁଁ ଟ୍ରାମ ଷ୍ଟେସନକୁ ଆସିଲି । ଦୁଇ ଜଣଙ୍କ ଉପରେ ମନେ ମନେ ପ୍ରଚୁର ବିରକ୍ତ ହେଲି । ସାତଟା ଟ୍ରାମ ଷ୍ଟେସନ ପରେ ମୋତେ ଓହ୍ଲେଇବାକୁ ପଡିବ ଆଉ ଅଧା ଓଦା ଅଧା ଶୁଖିଲା ଅବସ୍ଥାରେ ସେଇ ଯାଏଁ ରହିବାକୁ ପଡିବ । ଏମିତି ବିରକ୍ତି ଭିତରେ ପ୍ରାୟ ଖାଲିଥିବା ଟ୍ରାମରେ ଚଢିଲି ।

ସେଇ ଡବାରେ ଅଳ୍ପ ଆଲୁଅରେ ଦୂରରୁ ମୁଁ ଗୋଟିଏ ଛୋଟ ଝିଅ ମା' କୁ ଲାଗି ବସିଥିବା ଦେଖିଲି । ମା' ଟି ମତେ ହାତ ହଲେଇଲା । ମୁଁ ଜାଣିଲି ସେ ଇଲିଆନା, ଆଉ ତା ପାଖରେ ଗୋଟିଏ ଗୋଲ ଜାରରେ ଲାଲ ମାଛଟିଏ ଧରି ଯେଉଁ ଝିଅଟି ବସିଛି ସେ ହେଉଛି ଜସ୍ମିନ ! ଗଲା ଚଉଦଦିନ ହେଲା ମୁଁ ଏଇ କୁନି ଝିଅଟିକୁ ବହୁତ ଖୋଜିଛି । ତାର ଗଭୀର ନୀଳ ଆଖି ମତେ ଆଶ୍ୱିନର ଆକାଶ ପରି ଦିଶେ, ତା ବ୍ରାଉନ ରଙ୍ଗର ବ୍ଲଣ୍ଡ ଚୁଟି ଗୋଟିଏ ଅଜଣା ନଈକୂଳର କାଶତଣ୍ଡୀ ଫୁଲ ପରି ଲାଗେ । ମତେ ଲାଗେ ଏଇ ଅଳ୍ପ ଭୂଲତା ଥିବା ଝିଅଟି ସ୍ୱର୍ଗର ପରୀଟିଏ । ଗଲା ପାଞ୍ଚ ବର୍ଷ ଭିତରେ ମୁଁ କେତେ ଯେ ଏଇ ଝିଅ ସହ 'ଡଗ ହାଉସ' ଖେଳିଛି ଏକଥା ମନେ ପକେଇଲେ ମୁଁ ମୋ ବୟସ ଭୁଲିଯାଏ ! ତା ହାତରେ ଥିବା ଗୋଲ ଜାର ଭିତରେ ମାଛଟି ବ୍ୟସ୍ତ ହେଇ ଘୁରି ବୁଲୁଥିଲା । ଜସ୍ମିନ ମୁହଁରେ ମାସ୍କ , ପିଠିରେ ଛୋଟିଆ ଅମ୍ଳଜାନ ସିଲିଣ୍ଡର ଥାଇ ବି କଥା ହେଉହେଉ ସେ ନୀଳ ପଡିଯାଉଥିଲା । ସମୁଦ୍ର ପରି ଗଭୀର ନୀଳ ଆଖି ଶେତା ପଡିଯାଇଥିଲା । ବାଇଗଣୀ ରଙ୍ଗର ଫ୍ରକରେ ସେଇ ଅଳ୍ପ ଆଲୁଅ ଭିତରେ ମୁଁ ତାର ଶୀର୍ଣ୍ଣ ଅବୟବକୁ ଦେଖି ପାରୁଥିଲି କିନ୍ତୁ ଇଲିଆନାକୁ କିଛି ପଚାରି ପାରୁ ନ ଥିଲି ।

ଆଉ ଗୋଟିଏ ଷ୍ଟେସନ ପରେ ସେମାନେ ଓହ୍ଲାଇ ଯିବେ ! ଜସ୍ମିନ ଅଳ୍ପ ହସି ହାଇ–ଫାଇଭ ଦେବା ପୂର୍ବରୁ ମତେ କହିଲା – 'ଅଙ୍କଲ ମାଇଁ କଏନ ?' ପ୍ରତିଥର 'ଡଗ ହାଉସ' ଖେଳରେ ମୁଁ ହାରିଯାଏ ଆଉ ସେ ମୋଠୁ ଗୋଟିଏ ଫ୍ରାଙ୍କ କଏନ ନିଏ ! ଏଥର ନଖେଳି ବି ସେ ମତେ କଏନ ମାଗିଲା । ମତେ ଏଇ ପରୀଟି ମନେ ରଖିଛି– ଏତିକି ଖୁସିରେ ମୁଁ ତାକୁ ପର୍ସରେ ଥିବା ଏକମାତ୍ର କଏନ ଦେଇଦେଲି । ସେମାନେ ତାଙ୍କ ଷ୍ଟେସନରେ ଓହ୍ଲେଇଲା ବେଳକୁ ମା ଝିଅ ଦୁହେଁ 'ବାଏ' କରି ଗଲେ !

ମୁଁ ରାତି ବାରଟା ପାଖାପାଖି ହେବ ଘରେ ପହଂଚିଲି । ସୋଫିଆ ଓ ଆଣ୍ଟୋନିଓଙ୍କୁ ହଇରାଣ ନକରି ମୁଁ ଉପର ମହଲା ଘରକୁ ଚାଲିଗଲି । ତା' ପରଦିନ ଡେରିରେ ନିଦ ଭାଙ୍ଗିଲା । ମୁଁ ଖୁସି ମନରେ ତଳକୁ ଆସି ଜସ୍ମିନକୁ ଭେଟିବା କଥା ସୋଫିଆକୁ କହିଲି । ସୋଫିଆ ମତେ ଆତଙ୍କିତ ହେଇ ଚାହିଁଲା ଆଉ କହିଲା – ଜସ୍ମିନ ରକ୍ତ କର୍କଟରେ ମରିବାର ପ୍ରାୟ ପନ୍ଦର ଦିନ ହେଲାଣି ! ଆଉ ନିଜ ଝିଅକୁ ବଞ୍ଚେଇବାକୁ ଯାଇ ଅସଫଳ ହେବାର ଗ୍ଲାନିରେ ଇଲିଆନା ସେଦିନ ନଦୀକୁ ଡେଇଁ ଆତ୍ମହତ୍ୟା କରିବାର ଗଲାକାଲିକୁ ଦଶ ଦିନ ହେଇଗଲାଣି ! ସେ ଗେଟ ଖୋଲି ବୁଡ଼ବୁଡ଼ ହେଇ ରାସ୍ତାକୁ ବାହାରିଗଲା ବେଳକୁ ଯାହା କହିଲା ମୁଁ ଶୁଣିପାରିଲି – ପ୍ରଫେସର ହାଡ଼ ଏ ଲଙ୍ଗ ଡ୍ରିଙ୍କ !

ମୁଁ କିଛି ନ କହି ମୋ ପର୍ସ ଖୋଲିଲି – ମୋ ପାଖରେ ଗଲା କାଲିର ସେଇ କଏନଟି ନ ଥିଲା ! କାଲି ରାତିର ଟ୍ରାମରେ ଚଢିଲା ବେଳେ ସେଇ ଗୋଟିଏ କଏନ ହିଁ ବଳିଥିଲା !

–ପୁଣେ, ମୋ: ୭୦୮୨୪୬୪୮୦୦

# ଆଇନା

–ମାନସୀ ପାତ୍ର

ତୁମେ କାଲି ବନ୍ଧୁ ଥିଲ, ଆଜି ବଇରି ସାଜିବ
ଦେଇଥିବା କଥା, ନେଇଥିବା ଶପଥକୁ ଭୁଲି,
ସର୍ବସ୍ୱ ଲୁଟିବା ପରେ ବନ୍ଧୁରୁ ବନ୍ଧୁକ ପାଲଟିବ,
ତୁମ ବାକ୍ୟର ଗୁଳିରେ,
ତୁମ ସୁପ୍ତ ଦାନବ ପ୍ରବୃତ୍ତିର ପରିପ୍ରକାଶରେ
ସରଳ, ସ୍ୱଛ, ସୁନ୍ଦର ମନଟା ମୋର କେଇ
କ୍ଷଣିକରେ,
ଭାଙ୍ଗି ରୁଜି ଚୁର୍ମାର ହୋଇଯିବ,
ଆଉ ସ୍ୱପ୍ନ ସବୁ ମରିଯିବେ ମୁଁ ମରିବା ଆଗରୁ
ବଞ୍ଚି ଥାଉ ଥାଉ ପ୍ରତି ମୂହୁର୍ତ୍ତରେ
ପୋଡି ଜଳି ମରୁଥିବି,
ଏକଥା କେବେ ଥରେ ସ୍ୱପ୍ନରେ ବି ଭାବିନଥିଲି ।

ଭାବିଥିଲି, ତୁମେ ମୋ ଆଇନା
ଆଉ ମୁଁ ସେ ଆଇନାର ପ୍ରତିବିମ୍ୱ,
ପ୍ରତିମୂହୁର୍ତ୍ତରେ ବାଟ କଢେଇ ନେଉଥିବ,
ଅବାଟରୁ ବାଟକୁ, ଅଜାଗାରୁ ଜାଗାକୁ,
ଅସୁବିଧାରୁ ସୁବିଧାକୁ, ଦୁଃଖରୁ ସୁଖକୁ,
ଅଳ୍ପରୁ ବହୁତକୁ, ଅଭାବରୁ ଭାବକୁ ,
ଆଉ ଭୂମିରୁ ଭୂମାକୁ
କାରଣ ଆଇନା କେବେ ମିଛ କହେନା ।

ଭାବିଥିଲି, ମୋ ଛାଇ ଭଳି ତୁମେ
ପାଖେ ପାଖେ ଲାଗିରହିଥିବ
ସଞ୍ଜ ସକାଳ, ରାତି ଦିନ
ବିପଦ ଆପଦ, ଜୟ ପରାଜୟ
ଉତ୍ଥାନ ପତନ, ଦୁଃଖ ସୁଖ
ହସ ଲୁହ, ଉନ୍ନତି ଅବନ୍ନତି
ଜୀବନ ଯୌବନର ପ୍ରତିଟି ଘଡିସନ୍ଧି ମୂହୁର୍ତ୍ତରେ
ଭୁଲ୍ ଥିଲା ମୋ ଭାବନା,
କାରଣ ଛାଇ କେବେ ଛାଡି ପାରେନା,
ଶେଷ ନିଶ୍ୱାସ ଛାଡିବା ଆଗରୁ ।

ୟୁନିଟ–୬, ଭୁବନେଶ୍ୱର,
ମୋ: ୮୨୪୯୫୫୯୮୯୪



# ନୋରାଙ୍କ ଟାଇମ ପାସ୍


ନୋରା

ନୋରା ଫତେହିଙ୍କୁ ଯେତେବେଳେ ଶୁଟିଂରୁ ବ୍ରେକ ମିଳେ ସେତେବେଳେ ସେ କ'ଣ କରନ୍ତି? ଟାଇମ ପାସ୍ କରିବାକୁ ସେ ସାଙ୍ଗରେ ଗୋଟିଏ ଜିନିଷ ନେବାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚକୋଲେଟ୍ । ପୁଣି ନୋରା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି। ଏ ନେଇ ନୋରା କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ କେବଳ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ଚକୋଲେଟ୍। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଏ।' ଇନ୍ଦର କୁମାରଙ୍କ ନିର୍ଦ୍ଦେଶିତ 'ଥ୍ୟାଙ୍କ ଗଡ୍'ରେ ସଂଯୋଜିତ ଏକ ଗୀତ 'ମାନିକେ ମାଗେ ହିତେ'ରେ ନୋରାଙ୍କୁ ଦେଖିବାକୁ ମିଳିବ। ଚଳିତ ବର୍ଷ ଅକ୍ଟୋବର ୨୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଜୟ ଦେବଗନ ଏବଂ ରକୁଲ୍ ପ୍ରୀତ ସିଂ ଅଭିନୟ କରିଛନ୍ତି।

# ଏବେଠୁ ଚର୍ଚ୍ଚା

ସାଉଥ ଷ୍ଟାର ପ୍ରଭାସ ବର୍ତ୍ତମାନ ପୌରାଣିକ ଫିଲ୍ମ 'ଆଦିପୁରୁଷ'ରେ ଅଭିନୟ କରୁଛନ୍ତି। ଏଥିରେ ସେ ରାଘବ (ରାମ) ଭୂମିକାରେ ଦେଖିବାକୁ ମିଳିବେ। ଏହି ଫିଲ୍ମର ପ୍ରଥମ ଟିଜର ରିଲିଜ ହେବା ପରେ ପ୍ରଭାସଙ୍କ ଗେଟଅପକୁ ନେଇ ବେଶ୍ ଆଲୋଚନା ହେଉଛି। ଫିଲ୍ମଟି ବକ୍ସ ଅଫିସରେ କୁଆଡେ ସୁପରହିଟ୍ ହେବ ବୋଲି କେତେକ ସିନେ ସମୀକ୍ଷକ ପୁର୍ବାନୁମାନ କରିସାରିଲେଣି। ଏ ନେଇ ପ୍ରଭାସ କୁହନ୍ତି, 'ଏହାର କାହାଣୀ ଭିନ୍ନ ଧରଣର। ଏଭଳି ଏକ ମାଇଥୋଲୋଜିକାଲ ରୋଲ୍ ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଆଶା ରଖିଛି ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ।' ଏଥିରେ ସୀତା ଭୂମିକାରେ କ୍ରିତି ସାନନ ଏବଂ ଲଙ୍କେଶ ରାବଣ ରୋଲ୍‌ରେ ଅଭିନୟ କରୁଛନ୍ତି ସୈଫ ଅଲ୍ଲୀ ଖାଁ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓମ୍ ରାଓ୍ବତ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ସାଚେତ-ପରମ୍ପରା। ହିନ୍ଦୀ ଏବଂ ତେଲୁଗୁ ଭାଷାରେ ନିର୍ମିତ ଏହି ଫିଲ୍ମର ବଜେଟ୍ ରହିଛି ପାଖାପାଖି ୫୦୦କୋଟି। 'ଆଦିପୁରୁଷ' ଆସନ୍ତା ବର୍ଷ ଜାନୁୟାରୀ ୧୨ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଆଦିପୁରୁଷ' ଫିଲ୍ମରେ ପ୍ରଭାସ

# ଚାଲିଛି ଅଭ୍ୟାସ

ଷ୍ଟାର କିଡ୍ ସାରା ଅଲ୍ଲୀ ଖାଁ ଏବେ ଗୋଟିଏ କାମରେ ବ୍ୟସ୍ତ। ସମୟ ମିଳିଲେ ଘରେ ମଧ୍ୟ ଅଭ୍ୟାସ ଜାରି ରଖିଛନ୍ତି। ପୁଣି ମଝିରେ ମଝିରେ ନିକଟସ୍ଥ ସ୍କୁଲକୁ ଯାଇ ସେଠାରେ ତାହାକୁ ଅନୁଧ୍ୟାନ କରୁଛନ୍ତି। ଅସଲ କଥା ହେଲା ସାରା ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ ଜଣେ ଶିକ୍ଷୟିତ୍ରୀ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ତେଣୁ ଏ ନେଇ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏଭଳି ଭୂମିକା ସମ୍ପର୍କରେ ସାରା କହନ୍ତି, 'ଏକ ନୂଆ ସିନେମା, ଯାହାର ଟାଇଟଲ ଫାଇନାଲ ହୋଇନାହିଁ, ସେଥିରେ ମୋତେ ମିଳିଥିବା ଭୂମିକାଟି ହେଲା ଶିକ୍ଷୟିତ୍ରୀ। କାହାଣୀ ଅନୁସାରେ ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଚଲାପଥରେ ଆସୁଥିବା ବାଧାବିଘ୍ନକୁ ସେ କିପରି ସାହସର ସହ ସାମନା କରୁଛି। ଆଉ ପରବର୍ତ୍ତୀ ସମୟରେ କ'ଣସବୁ ଘଟୁଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ାଇବାର କାଇଦା ଶିଖିବାକୁ ଚେଷ୍ଟା କରୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ।' ତେବେ ଶିକ୍ଷୟିତ୍ରୀ ଭାବରେ ସାରା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ସାରା

# ଏ ମନ ଖୋଜୁଥାଏ ଯାହା...


ଅନନ୍ୟା

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ଚଙ୍କି ତନୟା ଅନନ୍ୟା ପାଣ୍ଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜ ସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ଅନନ୍ୟା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ଅନ୍ୟପକ୍ଷରେ ନିର୍ମାଣାଧୀନ 'ଡ୍ରିମ ଗର୍ଲ-୨'ରେ ସେ ଅଭିନୟ କରୁଛନ୍ତି। ଏହି ଫିଲ୍ମରେ ତାଙ୍କର ନାୟକ ଭୂମିକାରେ ଆୟୁଷ୍ମାନ ଖୁରାନାଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ଅନୁ କପୁର, ପରେଶ ରାଓ୍ବଲ, ମନୋଜ ଜୋଶୀ, ରାଜପାଲ ଯାଦବ ପ୍ରମୁଖ କଳାକାର ମଧ୍ୟ ଏଥିରେ ଅଭିନୟ କରିଛନ୍ତି।

# ସମୟ ହୋଇନାହିଁ

ଭୂମି ପେଡେନକରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ?ସେ କୁଆଡେ ଜଣେ ବିଜନେସ୍‌ମ୍ୟାନଙ୍କ ପ୍ରେମରେ ପଡିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ତାଙ୍କ କାନରେ ବାଜିଲା ସେ ଅବା କେମିତି ଚୁପ ହୋଇ ବସିରହିବେ କହୁନାହାନ୍ତି ? କିଛି ଦିନର ନୀରବତା ପରେ ସେ ନିକଟରେ ଏ ନେଇ ମୁହଁ ଖୋଲିଛନ୍ତି। ଏଭଳି ଆଲୋଚନାକୁ ନେଇ ସେ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଜନେସ୍‌ମ୍ୟାନଙ୍କ ସହ ମୋ ନାମକୁ ଯୋଡାଯାଉଛି ତାଙ୍କ ସହ ମୋର ନିବିଡ ବନ୍ଧୁତା ରହିଛି। ତାକୁ ଯଦି କେହି ପ୍ରେମର ଆଖ୍ୟା ଦିଅନ୍ତି ତେବେ ମୋର କିଛି କହିବାର ନାହିଁ। ମୋତେ ବଦନାମ କରିବାକୁ କେହି ଏଭଳି ଅପପ୍ରଚାର ଚଳାଇଛି। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି। ନିକଟରେ ମୋତେ ଦୁଇ-ତିନୋଟି ନୂଆ ଅଫର ମିଳିଛି। ସେଗୁଡିକୁ ନେଇ ମୁଁ ତର୍ଜମା କରୁଛି। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ଆଦୌ ତରବର ହେବି ନାହିଁ। କାରଣ ମୋ ନିଷ୍ପତ୍ତି ଉପରେ ମୋ କ୍ୟାରିୟର ନିର୍ଭର କରେ। ତା'ସହ କୌଣସି ସିନେମାରେ କାହାଣୀ ସହ ସାମଞ୍ଜସ୍ୟ ନ ଥିଲେ ବୋଲ୍ଡ ଶଟ୍ ମଧ୍ୟ ଦେବି ନାହିଁ।' ତେବେ ଭୂମିଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ଭୂମି

# ଦୁର୍ଗାପୂଜାରେ ତିତିଲି

ଏଥର ଦୁର୍ଗାପୂଜାରେ ମୁକ୍ତିଲାଭ କରିବ ଓଡ଼ିଆ ସିନେମା 'ତିତିଲି'। ଏ ସମ୍ପର୍କରେ ନିକଟରେ ପ୍ରଯୋଜନା ସଂସ୍ଥା ଅଞ୍ଜନେୟ ମିଡ଼ିଆ ପ୍ରାଇଭେଟ ଲିମିଟେଡ୍ ପ୍ରଡକସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ୟାନରରେ ନିର୍ମିତ ପଞ୍ଚମ ଫିଲ୍ମଟି ସେପ୍ଟେମ୍ବର ୩୦ରେ ପରଦା ଉପରକୁ ଆସିବ। ଏହାର ପ୍ରଯୋଜନା କରିଛନ୍ତି ପ୍ରଭାତ କୁମାର ପ୍ରଧାନ ଏବଂ ଶିଶିର ଚନ୍ଦ୍ର ଦାସ। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଆଗଧାଡିର କାହାଣୀକାର ଦେବିଦତ୍ତ ମହାନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ. କେ. ମୁରଲୀଧରନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ପ୍ରମୁଖ ସ୍ୱର ସଂଯୋଜକ ପ୍ରେମାନନ୍ଦ। ଭିନ୍ନ ସ୍ୱାଦର ପ୍ରେମ କାହାଣୀ ଏଥିରେ ଦେଖିବାକୁ ମିଳିବ। ଏହା ସହ ସାମାଜିକ ଚଳଣି, ଓଡ଼ିଆ ସଂସ୍କୃତି ଓ ମୌଳିକ ଓଡ଼ିଆ କଥା ବସ୍ତୁ ସ୍ଥାନ ପାଇଛି। ଫିଲ୍ମର ବିଭିନ୍ନ ଭୂମିକାରେ ଦିବ୍ୟା, ତୁଷାର, ମିହିର ଦାସ, ପ୍ରତିଭା ପଣ୍ଡା, ପ୍ରୀତିରାଜ, ହାଡୁ, ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଉକ୍ତ ସିନେମାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ଏହି ବ୍ୟାନରରେ ପୁର୍ବରୁ 'ବ୍ୟାଡ୍ ଗାର୍ଲ', 'ଧର୍ମ','ଭୈରବ', 'ଦେବଦାସ' ଭଳି ସିନେମା ନିର୍ମାଣ ହୋଇ ଦଶର୍କଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ତେବେ 'ତିତିଲି' ମଧ୍ୟ ନିଜକୁ ଏହି ତାଲିକାରେ ସାମିଲ କରିବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା।


'ତିତିଲି' ଫିଲ୍ମରେ ତୁଷାର-ଦିବ୍ୟା

# ଅଦିନ ମେଘକୁ ଭରଷା ନାହିଁ, ଚୋରା ପୀରତିକୁ ଲଗାମ ନାହିଁ

**''ପୁରୁଣା ପ୍ରେମରେ ଦରଦ ବେଶୀ। ଯଦି ଏହା ବିଶ୍ୱାସର ମୂଳଦୁଆ ଉପରେ ଠିଆ ହୋଇଥାଏ, ତେବେ ତାହାକୁ ଭରସା କଲେ କିଛି କ୍ଷତି ନାହିଁ। ହେଲେ ଏହି ପ୍ରେମ ଯଦି ଆରମ୍ଭରୁ ପାଣିଚିଆ ଲାଗେ ତେବେ ସେଭଳି ପ୍ରେମ ମନରୁ ପାଶୋରି ଦେଲେ ଭଲ।''**

**ପ୍ରଶ୍ନ:** କେତେକ କହନ୍ତି, ଚୋରା ପୀରତିର ମଜା ନିଆରା। ଏହା ପଛରେ କେତେ ସତ୍ୟତା ଅଛି ?

*-ଗୋପାଳ, ଭଦ୍ରକ*

**ଉତ୍ତର:** ଚୋରା ପୀରତି ହେଉଛି ମାଗି ଆଣିଲା ତରକାରି ପରି। ଏହାର ସ୍ୱାଦ କ୍ଷଣସ୍ଥାୟୀ। ଅଦିନିଆ ମେଘ ପରି ଏହା କେତେବେଳେ ପ୍ରେମ ଆକାଶରୁ ଅପସରି ଯାଏ ତାହା କଳ୍ପନା କରିବା କଷ୍ଟକର। 'ଅଦିନ ମେଘକୁ ଭରସା ନାହିଁ କି ଚୋରା ପୀରତିକୁ ଲଗାମ ନାହିଁ।' ତେଣୁ ଏହାକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଗୋଡାଇବା ପରି ହୋଇଥାଏ। ଯଦି ମନରେ ଏଭଳି ଭାବନା ରଖିଛନ୍ତି ତେବେ ପ୍ରଥମେ ଏହାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ଏଭଳି ପ୍ରେମ କରନ୍ତୁ ଯାହାକୁ କେବଳ ଆପଣ ନୁହଁନ୍ତି ଅନ୍ୟମାନେ ସବୁଦିନ ପାଇଁ ମନେ ରଖିଥିବେ।

**ପ୍ରଶ୍ନ:** ପ୍ରେମର ପ୍ରଥମ ପାହାଚରେ ଝିଅମାନେ ଲାଜ କରନ୍ତି କାହିଁକି ?

*-ରାଜେଶ ସାହୁ, ବଲାଙ୍ଗୀର*

**ଉତ୍ତର:** ପ୍ରେମ ହେଉଛି ଲାଜର ଗହଣା। ଏହାର ପୁଲକରେ ପ୍ରେମର ରଙ୍ଗ ସବୁବେଳେ ରଙ୍ଗୀନ ଲାଗିଥାଏ। ହେଲେ ସେହି ଲାଜରେ ବିଶ୍ୱାସ ଏବଂ ଭରସା ରହିଲେ ହେଲା। ନ ହେଲେ କେତେବେଳେ ସେହି ଲାଜ ରାଗର ରୂପ ନେବ ତାହା ଆକଳନ କରିବା କଷ୍ଟକର। କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେବା ସମୟରେ ଲାଜ କରନ୍ତି। ଆଉ ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ତାହାକୁ ପଢ଼ିବାକୁ କେବଳ ଟିକେ ବୁଦ୍ଧି ଖଟାନ୍ତୁ। ହୁଏତ ସେହି ଲାଜୁଆ ଇସାରାରେ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହୁଏତ ହାତରୁ ଖସି ଯାଇପାରେ।

**ପ୍ରଶ୍ନ:** ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ସେ ମୋ ମନକୁ କିଣିନେଇଛି। ଆଉ ତା' ସହ ଭେଟ ହେଉନାହିଁ। ମୁଁ ଏବେ କ'ଣ କରିବି କହିବେ କି ସାଥୀ ?

*-ଅଜିତ ସାହୁ, ଭୁବନେଶ୍ୱର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ଯାହାକୁ ମନ ଦେଇ ବସିଛନ୍ତି ତାହାର କିଛି ଠା' ଠିକଣା ଆପଣଙ୍କ ପାଖରେ ନାହିଁ। ଏମିତି ବି ହୋଇପାରେ ସେହି ସୁନ୍ଦରୀ ମଧ୍ୟ ଆପଣଙ୍କ ମନକୁ ଚୋରି କରିନେଇଛି। ତେଣୁ ଅପେକ୍ଷା କରନ୍ତୁ। କାରଣ କଥାରେ ପରା ଅଛି- ଅପେକ୍ଷାର ଫଳ ମିଠା !

**ପ୍ରଶ୍ନ:** ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। ଏବେ କ'ଣ କରିବି ?

*-ରାଜେନ୍ଦ୍ର ପୁହାଣ, ପାରାଦୀପ*

**ଉତ୍ତର:** ପୁରୁଣା ପ୍ରେମରେ ଦରଦ ବେଶୀ। ଯଦି ଏହା ବିଶ୍ୱାସର ମୂଳଦୁଆ ଉପରେ ଠିଆ ହୋଇଥାଏ, ତେବେ ତାହାକୁ ଭରସା କଲେ କିଛି କ୍ଷତି ନାହିଁ। ହେଲେ ଏହି ପ୍ରେମ ଯଦି ଆରମ୍ଭରୁ ପାଣିଚିଆ ଲାଗେ ତେବେ ସେଭଳି ପ୍ରେମ ମନରୁ ପାସୋରି ଦେଲେ ଭଲ। ଯାହାକୁ ପ୍ରଥମେ ମନ ପ୍ରାଣ ଦେଇ ଭଲ ପାଉଥିଲେ ଆଉ ତା' ହାତ ଧରି ଅନେକ ବାଟ ଆଗେଇ ଯାଇଥିଲେ ସେ ତ ଅଧା ବାଟରେ ଛାଡି ଚାଲିଗଲା। ଏବେ ତାକୁ ମନେ ପକାଇବା ଅର୍ଥ ପୁରୁଣା ଘା'କୁ ପୁଣି ଥରେ ଉଖୁରାଇବା। ତେଣୁ ସେଭଳି ପ୍ରେମିକାକୁ ଯେତେ ଶୀଘ୍ର ମନରୁ ସମ୍ପୂର୍ଣ୍ଣ ଭାବରେ ପାଶୋରି ଦେବେ ତାହା ଆପଣଙ୍କ ପାଇଁ ଭଲ ହେବ।



**ସାଥୀ**

## ପ୍ରଥମ ରୋଜଗାର



# ଶାଶୁ ଶ୍ୱଶୁରଙ୍କୁ ଉପହାର ଦେଇଥିଲି

**ଚିତ୍ରଶିଳ୍ପୀ, ଲେଖିକା ତଥା ଶିକ୍ଷାବିତ୍ ସୁସ୍ମିତା ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଦୁଇହଜାର ପାଞ୍ଚ ମସିହା, ଫେବୃୟାରୀ ମାସ। ତାରିଖ ଠିକ୍ ଭାବେ ମନେନାହିଁ। ସେଣ୍ଟ୍ରାଲ ବ୍ୟାଙ୍କରୁ ଉଠାଇଥିଲି ପନ୍ଦରଶହ ଟଙ୍କା, ସରକାରୀ ଚାକିରି ଜୀବନର ମୋ ପ୍ରଥମ କମାଣି। ଜାନୁୟାରୀ ମାସରେ ଯୋଗ ଦେଇଥିଲି ଶିକ୍ଷୟିତ୍ରୀ ଭାବେ। ଦରମା ଆସିବା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ିଥିଲା ହାତରୁ। କେବଳ ଅଟୋ ଭଡ଼ା ବାବଦକୁ ଆଠଶହ ପୁଣି ଟିଫିନ, ଚା', ଭଲମନ୍ଦରେ ଆଉ ପାଞ୍ଚଶହ। ଫେରିବା ପଥରେ ତଟକା ପନିପରିବା, ଶାଗ, ନଈ ଚିଙ୍ଗୁଡ଼ି ମଧ୍ୟ କିଣାହୋଇ ଆସୁଥିଲା ଘରକୁ, ଆଉ ତିନି ଚାରିଶହ ଟଙ୍କାରେ। ଯୋଗକୁ ୟୁନିଫର୍ମ ନ ଥିଲା ସେତେବେଳେ ନଚେତ ଘୋଡ଼ା ଛଅ ଟଙ୍କାକୁ ଦାନା ନଅ ଟଙ୍କା ହୋଇଯାଇଥାନ୍ତା। ନିଅଣ୍ଟିଆ ବଜେଟ ହେଲେ ବି କିଛି ଫରକ ପଡୁ ନ ଥିଲା ସେଥିରେ ଯେହେତୁ ସ୍ୱାମୀଙ୍କ ସହଯୋଗରୁ ସେ ସବୁ ଖର୍ଚ୍ଚ ଆରାମରେ ଉଠିଯାଉଥିଲା। ତେଣୁ ମୋର ପହିଲି ରୋଜଗାର, ପୂରା ସେଇ ପନ୍ଦରଶହ ଟଙ୍କାର ବଜେଟ ମୁଁ ନିଜେ ବନାଇଥିଲି ମୋ ହିସାବରେ। ମୋ ଶାଶୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଖୁବ୍ ଭଲ ପାଉଥିବାରୁ ତାଙ୍କୁ ଉପହାରରେ ଦେବାପାଇଁ ଉତ୍କଳିକାରୁ ଟସର କପଡ଼ା କିଣି ସେଥିରେ ଜଗନ୍ନାଥଙ୍କର ଗୋଟିଏ ରଙ୍ଗିନ ପଟ୍ଟଚିତ୍ର ନିଜ ହାତରେ ଆଙ୍କି, ବନ୍ଧେଇ କରି ଗାଁକୁ ଧରି ଯାଇଥିଲି, ଯାହାକୁ ଦେଖି ସେ ଅତ୍ୟନ୍ତ ଖୁସିରେ ଗଦ୍ ଗଦ୍ ହୋଇଯାଇଥିଲେ ଏବଂ ଅନୁରୂପ ଭାବେ ମୁଁ ମଧ୍ୟ। ସେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ, ମୁଁ ତାହା ନିଜେ ବନାଇଛି ବୋଲି କିନ୍ତୁ ପରେ ତାଙ୍କ ନାତି ଅର୍ଥାତ୍ ମୋ ପୁଅଠୁ ଶୁଣି ବିଶ୍ୱାସ କରିବାକୁ ବାଧ୍ୟ ହେଲେ। ଅତି ଦୁଃଖର ବିଷୟ, ଗାଁର ମାଟି ଘରେ ବର୍ଷା ପାଣିରେ ନଷ୍ଟ ହୋଇଯିବ କହି ମୋତେ ପୁଣି ତାହାକୁ ସାଙ୍ଗରେ ରାଉରକେଲା ଫେରାଇ ଆଣିବା ପାଇଁ ବାଧ୍ୟ କରିଥିଲେ ଓ ସେ ନିଜେ ରାଉରକେଲା ଆସିଲେ ସେଇ ଫଟୋକୁ ପୂଜିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମୁଁ ଆଶ୍ୱସ୍ତ ହେଲି। ଶ୍ୱଶୁରଙ୍କ ପାଇଁ ନେଇ ଯାଇଥିଲି ହଳେ ନୂଆ ଜୋତା ଓ ଗୋଟେ ମଫଲର୍ ; ଯାହାକୁ ସେ ସଙ୍ଗେ ସଙ୍ଗେ ପିନ୍ଧି, ମୋତେ ପୂରା ଠିକ୍ ହେଉଛି କହି ଘେରେ ବୁଲିଆସିଥିଲେ ଆମ ଜଗନ୍ନାଥ ମନ୍ଦିର ଦାଣ୍ଡରେ। ସେମିତି ବିଶେଷ ଥଣ୍ଡା ନ ଥାଇ ବି ମଫଲର୍ ବାନ୍ଧି ବୁଲିବା ଓ ନୂଆ ଜୋତା ପିନ୍ଧା ତାଙ୍କ ଚାଲିରୁ ବାରି ହୋଇପଡୁଥିଲା ତାଙ୍କ ଅନ୍ତରର ଖୁସି ଯାହା ଇଥର ମାଧ୍ୟମରେ ସଞ୍ଚରି ଯାଇଥିଲା ମୋତେ। ଆଉ ପାଞ୍ଚ ବର୍ଷର ପୁଅ ପାଇଁ କିଛି ବଞ୍ଚି ନ ଥିଲା ସେଥିରୁ। ତଥାପି ବାପାବୋଉଙ୍କ ସ୍ୱରୂପରେ ପାଇଥିବା ତଥା ମୋତେ ଖୁବ୍ ଭଲ ପାଉଥିବା ସ୍ନେହୀ ମଣିଷ ଦୁଇଜଣଙ୍କ ପାଇଁ ମୋ ପ୍ରଥମ ରୋଜଗାରରେ କିଞ୍ଚିତ ଖୁସି କିଣି ପାରିଥିବାରୁ ମୁଁ ମନେମନେ ପୁଲକିତ ଥିଲି ଏବଂ ଭଗବାନଙ୍କ ନିକଟରେ କୃତଜ୍ଞ ମଧ୍ୟ। ପ୍ରକୃତରେ ମୋ ଶ୍ୱଶୁରଙ୍କ ଯୋଗୁ ହିଁ ମୁଁ ଚାକିରି କରିଥିଲି, ବିବାହର ଆଠବର୍ଷ ପରେ। ଆଜି ମୁଁ ଯେଉଁଠି ବି ଛିଡ଼ା ହୋଇଛି କେବଳ ତାଙ୍କରି ପାଇଁ। ଆଜି ତାଙ୍କ ଅବର୍ତ୍ତମାନରେ ବି ମୋର ସବୁ ଶ୍ରେୟ ତାଙ୍କୁ ହିଁ ଦେଉଛି। କେବଳ ଚାକିରି ନୁହେଁ, ଲେଖାଲେଖି କରିବା ଓ ଚିତ୍ର ଆଙ୍କିବା ସହିତ ଓଡ଼ିଶୀ ନୃତ୍ୟରେ ମଧ୍ୟ ମୋର ବିଶେଷ ରୁଚି ରହିଛି। ତା'ଛଡ଼ା ମଝିରେ ମଝିରେ କିଛି ସମାଜମଙ୍ଗଳ କାର୍ଯ୍ୟ କରିବାର ସୁଯୋଗ ମିଳୁଥିବାରୁ ମୁଁ ଖୁବ୍ ଆତ୍ମସନ୍ତୋଷ ଲଭି ପାରୁଛି।

# ଶପିଂ କରିପାରିବି ୩୬୫ ଦିନ

ଓଲିଉଡ୍‌ର ହ୍ୟାଣ୍ଡସମ୍ ହିରୋ ଦୀପକ। ଯେମିତି ଅଭିନୟ କରନ୍ତି ସେମିତି ଗୀତ ବି ଗାଇପାରନ୍ତି। ଆଉ ତବଲା ବଜାଇବାରେ ତ ବେଶ୍ ଧୁରୀଣ। ତା'ସହ ସେ ଜଣେ ଫ୍ୟାମିଲିମ୍ୟାନ୍ ବି। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ତାଙ୍କ ସହ କିଛି କଥା...

**ପିଲାଦିନ:** ଯାଜପୁର ଜିଲା ନୀଳାଦେଇ ପୁରରେ ମୋ ଗାଁ। ସେଇ ଗାଁରେ ଅଛି ମୋର ଅନେକ ସ୍ମୃତି। ପିଲାଦିନେ ମୁଁ ଗାଁ ଆମ୍ବ ତୋଟାରୁ ଆମ୍ବ ତୋଳୁଥିଲି, ଅନ୍ୟ ବାଡିରୁ ପିଜୁଳି, କୋଳି ଚୋରି କରୁଥିଲି। ହେଲେ ଏସବୁ କରିବାବେଳେ ମୁଁ କେବେ ଧରାପଡିନି। ସତରେ ପିଲାଦିନ ଥିଲା ଭାରି ସୁନ୍ଦର।

**କଳା ପ୍ରତି ଥିଲା ଦୁର୍ବଳତା:** ମୋର ମନେ ଅଛି ଛୋଟବେଳେ ଆମ ଘରେ ଗୋଟେ ଫିଲିପ୍ସ ଟେପ୍ ରେକର୍ଡର ଥିଲା ତାକୁ ବଜେଇ ମୁଁ ନାଚୁଥିଲି। ଆଉ ମମି ଡାଡି ମତେ ବହୁତ ଉତ୍ସାହିତ କରୁଥିଲେ। ବଡ ହେବା ସହ ମୋର ନାଚ, ଗୀତ, ଅଭିନୟ ପ୍ରତି ଦୁର୍ବଳତା ବଢିବାକୁ ଲାଗିଲା। ଷଷ୍ଠ ଶ୍ରେଣୀରେ ମୁଁ ସ୍କୁଲ ଡ୍ୟାନ୍ସ କମ୍ପିଟିଶନ୍‌ରେ ପ୍ରଥମ ହେଇଥିଲି। ଅଷ୍ଟମ, ନବମ ଶ୍ରେଣୀରେ ବେଷ୍ଟ ଆକ୍ଟର, ବେଷ୍ଟ ଡ୍ୟାନ୍ସର ବି ହେଇଥିଲି। ଯୁକ୍ତ ୨ରେ ପଢାପଢି ପାଇଁ ଏସବୁରୁ ଟିକେ ଦୂରେଇ ଯାଇଥିଲି। କିନ୍ତୁ ଯୁକ୍ତ ୩ ପଢିବାବେଳେ ପୁଣିଥରେ ସେସବୁ ଆରମ୍ଭ ହେଇଗଲା। ଆଉ ଏଇ କ୍ଷେତ୍ରରେ ଆଗେଇବା ପାଇଁ ମୁଁ ମୋ ସଙ୍ଗାତ(ବାବୁ) ସହ କଟକକୁ ଚାଲିଆସିଲି। ଅନ୍ନପୂର୍ଣ୍ଣ ଥିଏଟର ସାମ୍ନା ଗଳିରେ ଭଡା ନେଇକି ରହିଲି। ଆଉ କୋରିଓଗ୍ରାଫର ବାବୁ ଭାଇଙ୍କ ପାଖରେ ୩ ମାସ ଡ୍ୟାନ୍ସ ଶିଖିଲି।

**ପ୍ରଥମ ବ୍ରେକ୍:** ୨୦୦୮ରେ ନିର୍ଦ୍ଦେଶକ ପବିତ୍ର ନାୟକ ମତେ ଆଲ୍‌ବମ୍‌ରେ ପ୍ରଥମ ବ୍ରେକ ଦେଲେ। ଏହାପରେ ଅନେକ ଆଲବମ୍ ଅଫର୍ ଆସିଥିଲା। ଆଉ ଗୋଟେ ପରେ ଗୋଟେ ହିଟ୍ ଆଲ୍‌ବମ୍ କରିଚାଲିଲି। ୨୦୧୧ରେ ପ୍ରଡ୍ୟୁସର ଅନାମ ଚରଣ ସାହୁ ମତେ ଫିଲ୍ମରେ ପ୍ରଥମ ବ୍ରେକ ଦେଇଥିଲେ। ଫିଲ୍ମଟି ଥିଲା 'ମନ ମୋର ପ୍ରଜାପତି'।

**ଗୋଟେ ଟେକ୍‌ରେ ଓକେ:** ମୁଁ ସିନେମାରେ କ୍ୟାରିୟର ଆରମ୍ଭ କରିବାବେଳେ ନେଗେଟିଭ୍ ରିଲ୍‌ରେ ରେକର୍ଡ ହେଉଥିଲା। ସେଇ ରିଲ୍ ରୋଲିଂ ହେଇ ରେକର୍ଡ ହେବାବେଳେ ଖୁବ୍ ଜୋର୍‌ରେ ଘଡ ଘଡ ଶବ୍ଦ ହେଉଥିଲା। ସେତେବେଳେ ଚେଷ୍ଟା କରାଯାଉଥିଲା ଯେମିତି ବି ହେଉ ଅଳ୍ପ ଟେକ୍‌ରେ ସିନ୍ ଓକେ ହେବ। କାରଣ ଯେତେଥର ଭୁଲ ହେବ ରିଲ୍ ନଷ୍ଟ ହୋଇ ପ୍ରଡ୍ୟୁସର୍‌ଙ୍କର କ୍ଷତି ହେବ। ତେବେ ସୌଭାଗ୍ୟବଶତଃ ମୋର ପ୍ରଥମ ଫିଲ୍ମର ପ୍ରଥମ ସିନ୍ ଗୋଟେ ଟେକ୍‌ରେ ଓକେ ହେଇଯାଇଥିଲା।

**ଖୁବ୍ ଶୀଘ୍ର କରିବି ଅନ୍ୟଭାଷାର ଚଳଚ୍ଚିତ୍ର**

ଓଲିଉଡ୍‌ର ୧୧ ବର୍ଷ କ୍ୟାରିୟର ଭିତରେ ମୁଁ ୨୫ଟି ସିନେମା କରିସାରିଲିଣି। ସେଥିରୁ ୨୦ଟି ରିଲିଜ୍ ହେଇସାରିଥିବାବେଳେ ୫ଟି ରିଲିଜ୍ ଅପେକ୍ଷାରେ ଅଛି। ସେଗୁଡିକ ହେଲା– 'ଏଇ ବୋଧେ ଭଲ ପାଇବା', 'ଧଡକନ୍‌ରେ ତୁ', 'ଅଟୋଗ୍ରାଫ', 'କେମିତି ଭୁଲିବି ମୁଁ' ଓ 'ଆଇନା କେବେ ମିଛ କହେନା'। ତା'ଛଡା ଖୁବ୍ ଶୀଘ୍ର ତେଲୁଗୁ ଓ ବଙ୍ଗଳା ଫିଲ୍ମରେ ବି କାମ କରିବାକୁ ଯାଉଛି।

**ଗଡ୍ ଫାଦର୍:** 'ଚାନ୍ଦ ନା ତୁମେ ତାରା'ର ପ୍ରଡ୍ୟୁସର୍ ଚିତ୍ତ ଭାଇ ସିନେମା ଇଣ୍ଡଷ୍ଟ୍ରିରେ ମୋର ଗଡ ଫାଦର୍।

**ବେଶି କମ୍ଫର୍ଟେବଲ :** ଅଭିନେତ୍ରୀ ଲିପିଙ୍କ ସହ କାମ କରିବାରେ ମୁଁ ବେଶି କମ୍ଫର୍ଟେବଲ।

**ଇଛା ଅଛି:** ବହୁ ନିର୍ଦ୍ଦେଶକଙ୍କ ସହ କାମ କରିସାରିଲିଣି। ହେଲେ ନିର୍ଦ୍ଦେଶକ ସୁଂଧାଂଶୁ ମୋହନ ସାହୁ, ଅଶୋକ ପତିଙ୍କ ପରି ଟ୍ୟାଲେଣ୍ଟେଡ ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଏଯାଏଁ ମିଳିନି। ତେଣୁ ତାଙ୍କ ସହ କାମ କରିବାକୁ ମୋର ବହୁତ ଇଛା ଅଛି।

**ଆକ୍ଟର ନ ହୋଇଥିଲେ:** ଆକ୍ଟର ନ ହେଇଥିଲେ ଏୟାରଫୋର୍ସ ଅଫିସର୍ ହୋଇଥାନ୍ତି।

**ଅବସର ସମୟରେ**

ମୁଁ ତବଲାରେ ଗ୍ରାଜୁଏଟ୍। ଅବସର ସମୟରେ ତବଲା ବଜାଇବା, ଗୀତ ଗାଇବାକୁ ଭଲ ପାଏ। ଏମିତିକି ଦୁଇଟି ଫିଲ୍ମରେ ଗୀତ ଗାଇସାରିଛି।







**ଲକି ଚାର୍ମ**

ସ୍ତ୍ରୀ ତନୁଜା ମୋର ଲକି ଚାର୍ମ। ସେ ଆସିବା ପରେ ମତେ ଅନେକ ଫିଲ୍ମର ଅଫର୍ ମିଳିଛି। ଫିଲ୍ମ ପ୍ରଡ୍ୟୁସର୍ ବି ହେଇପାରିଛି।

**ସ୍ତ୍ରୀ ମୋର ଭାରି ଅଣ୍ଡରଷ୍ଟାଣ୍ଡିଙ୍ଗ**

ତନୁଜା ମୋର ସବୁଠୁ ଭଲ ବନ୍ଧୁ। ସେ ଜାଣେ କାମ କରିବାବେଳେ ମତେ ଅଭିନେତ୍ରୀଙ୍କ ସହ କ୍ଲୋଜ ହେବାକୁ ପଡିବ। ତେଣୁ ସେ କେବେବି ଏସବୁକୁ ନେଇ ବ୍ୟସ୍ତ ହୁଏନା। ତା'ଛଡା ସେ ନିଜେ କହେ ଯେ, କୋ ଆର୍ଟିଷ୍ଟ ସହ ଯେତେ ଭଲ ବଣ୍ଡିଂ ରହିବ ଅନ୍‌ସ୍କ୍ରିନ୍‌ରେ କେମେଷ୍ଟ୍ରି ସେତେ ଭଲ ଲାଗିବ। ଏହାବାଦ୍ ମୁଁ ବି କାମକୁ କାମ ଜାଗାରେ ରଖେ। ଆଉ ଘରକୁ ଗଲେ ପୁରାପୁରି ମୋ ସ୍ତ୍ରୀ ତନୁଜା ଓ ମୋ ପୁଅର ହେଇଯାଏ।

**ଶପିଂ କରିବାକୁ ଭଲ ପାଏ**

ଶପିଂ କରିବାକୁ ମତେ ଏତେ ଭଲ ଲାଗେ ଯେ, ଯଦି କେହି କହିବେ ବର୍ଷକ ୩୬୫ ଦିନ ଶପିଂ କରିବାକୁ। ମୁଁ ଖୁସିରେ କରିପାରିବି। ହେଲେ ପୁଅ ହେବା ପରଠାରୁ ନିଜକୁ ଟିକେ କଣ୍ଟ୍ରୋଲ କରୁଛି। ତା'ଛଡା ମୋ ସ୍ତ୍ରୀ ବି ଶପିଂ କରିବା ଓ ବଦ୍‌ଖର୍ଚ୍ଚ କରିବାରେ ମତେ କଣ୍ଟ୍ରୋଲ କରୁଛି।

**ପ୍ରିୟ ଖାଦ୍ୟ**

ଚିକେନ୍‌ର ସବୁ ଆଇଟମ୍ ମତେ ଭଲ ଲାଗେ। ତା'ଛଡା ମୁଁ ଭଲ କୁକ୍ ବି। ଲକ୍‌ଡାଉନ୍‌ବେଳେ ବହୁତ ଭଲ ଭଲ ଆଇଟମ୍ ତିଆରି କରି ମୋ ସ୍ତ୍ରୀକୁ ଖୁଆଇଛି।

**ବୁଲିବାକୁ ଭଲ ପାଏ**

ବୁଲାବୁଲି କରିବାକୁ ମତେ ଭାରି ଭଲ ଲାଗେ। ଛୁଟି ମିଳିଲାମାନେ ଆମେ ବୁଲିବାକୁ ବାହାରିପଡୁ। ଓଡିଶାରେ ପୁରୀ ଜଗନ୍ନାଥ ଧାମ ମୋର ପ୍ରିୟ ସ୍ଥାନ।

**ଫିଟ୍ ରହିବା ପାଇଁ**

ନିଜକୁ ଫିଟ୍ ରଖିବା ପାଇଁ ମୁଁ ରେଗୁଲାର୍ ୱାର୍କଆଉଟ୍ କରେ। ରାତିରେ କମ୍ ଖାଏ। ଆଉ ସମୟ ମିଳିଲେ ସାଇକେଲିଂ କରେ।

**ଡ୍ରିମ୍ ରୋଲ୍**

ଡ୍ରିମ୍ ରୋଲ୍ ପୋଲିସ୍ ଅଫିସର୍ କିମ୍ବା ଆର୍ମି ଅଫିସର୍ ହେବା।

–ଶିବାନୀ ମହାନ୍ତି




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଡିନର୍

ସ୍ତ୍ରୀ ରାଗିକି ସ୍ୱାମୀଙ୍କୁ: ଅଫିସ୍‌ରୁ ଆସିବା ପାଇଁ ଆଜି ଏତେ ଲେଟ୍ କ'ଣ ହେଲା ? ମୁଁ ତ କେବେଠୁ ତୁମକୁ ଅପେକ୍ଷା କରିଛି।

ସ୍ୱାମୀ: ବସ୍ ଅଟକେଇ ଦେଇଥିଲେ, ତାଙ୍କ ସହ ଡିନର୍ କରୁଥିଲି।

ସ୍ତ୍ରୀ: ଓ ! ତା'ହେଲେ ଡିନର୍ କରିକି ଆସିଛ। ହଉ, କ'ଣ କ'ଣ ଖାଇଲ ଟିକେ କହିବ।

ସ୍ୱାମୀ: ବହୁତ ଗୁଡ଼ାଏ ଗାଳି..।

### କଥା

ପ୍ରଥମ ଥର ଲଞ୍ଚ ଡେଟ୍‌ରେ ଯାଇଥିବା ପ୍ରେମିକ ପ୍ରେମିକାକୁ: ମୁଁ ତୁମକୁ ଗୋଟେ କଥା କହିବାକୁ ଚାହେଁ।

ପ୍ରେମିକା: କ'ଣ ?

ପ୍ରେମିକ: ମୋର ଜଣେ ଗର୍ଲଫ୍ରେଣ୍ଡ ଥିଲେ। ତାଙ୍କ ସହ ମୋର ବ୍ରେକ୍‌ଅପ୍ ହୋଇଯାଇଛି କିନ୍ତୁ ଏବେବି ସେ ମୋର ଜଣେ ଭଲ ବାନ୍ଧବୀ ଭାବେ ସମ୍ପର୍କରେ ଅଛନ୍ତି।

ପ୍ରେମିକା: ଓଃ..ଏଇକଥା। ତମେ ତ ମତେ ପୁରା ଡରେଇ ଦେଇଥିଲ। ମୁଁ ଭାବିଲି ତମେ ଟଙ୍କା ନେଇକି ଆସିନ।

### ବହୁତ ଭଦ୍ର

ପୁଅ ମା'କୁ: ମା' ତମେ ଜାଣିଛ ବାପା ନା ବହୁତ ଭଦ୍ର।

ମା': ତୁ କେମିତି ଜାଣିଲୁ ?

ପୁଅ: ବାପା ଯେବେବି କୌଣସି ଝିଅକୁ ଦେଖନ୍ତି ସାଙ୍ଗେ ସାଙ୍ଗେ ତାଙ୍କର ଗୋଟିଏ ଆଖି ବନ୍ଦ କରି ଦିଅନ୍ତି।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:ଓଡିଶା ଫ୍ୟାଶନଭିଲା

# ଷ୍ଟାଚ୍ୟୁ ଅଫ୍ ୟୁନିଟି

**ଗୁ**ଜରାଟ ରାଜ୍ୟର ପ୍ରାଣବିନ୍ଦୁ ହେଉଛି ନର୍ମଦା ନଦୀ। ସେହି ନଦୀ ଉପରେ କେଭାଡିଆ ନାମକ ଏକ ସ୍ଥାନରେ ନିର୍ମିତ ହୋଇଛି ସର୍ଦ୍ଦାର ସରୋବର ସେତୁ ଏବଂ ତତ୍‌ସଂଲଗ୍ନ ଏକର ଏକର ଜଙ୍ଗଲ ଜମି ଉପରେ ଗଢି ଉଠିଛି ଏକତା ନଗର। ସେଠାରେ ରହିଛି ସାରା ବିଶ୍ୱରେ ଚହଳ ପକାଇଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ସର୍ବୋଚ୍ଚ ପ୍ରତିମୂର୍ତ୍ତି ; ଯାହାକି ଷ୍ଟାଚ୍ୟୁ ଅଫ୍ ୟୁନିଟି ନାମରେ ପରିଚିତ। ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କୁ ସମର୍ପିତ ଏହି ସ୍ମାରକଟିର ଉଚ୍ଚତା ହେଉଛି ପ୍ରାୟ ୧୮୨ ମିଟର (୫୯୭ ଫୁଟ) ; ଯାହାକି ଆଜି ଲୋକମୁଖରେ ବିଶ୍ୱର ଅଷ୍ଟମ ଆଶ୍ଚର୍ଯ୍ୟ ରୂପେ ପରିଗଣିତ ହେଉଛି। ଏହାର ଅନତିଦୂରରେ ରହିଛି ଏକ ଛୋଟ ପ୍ରାଣୀ ଉଦ୍ୟାନ ; ଯେଉଁଠାରେ ବାଘ, ସିଂହ, ଜିରାଫ୍, ଶମ୍ବର, ହରିଣ, ଭାଲୁ, ଠେକୁଆ ତଥା ବିଭିନ୍ନ ପ୍ରଜାତିର ମାଙ୍କଡ ଏବଂ ପକ୍ଷୀମାନଙ୍କୁ ଦେଖିବାକୁ ମିଳିଥାଏ। ଏଥିସହିତ ଅନେକ ରକମର ଫୁଲଗଛ ମଧ୍ୟ ଉକ୍ତ ପ୍ରାଣୀ ଉଦ୍ୟାନର ଶୋଭାବର୍ଦ୍ଧନ କରିଥାଏ। ତେବେ ଏହି ଷ୍ଟାଚ୍ୟୁ ଅଫ୍ ୟୁନିଟି ଏବଂ ଏକତା ନଗରର ପ୍ରାଣୀଉଦ୍ୟାନ ଦେଖିବାକୁ ଅନ୍ ଲାଇନ୍ ବୁକିଂ ସହିତ ଅଫ୍ ଲାଇନ୍ ବୁକିଂର ବ୍ୟବସ୍ଥା ମଧ୍ୟ ରହିଛି।

### କ'ଣ ଦେଖିବେ


ଏକତା ନଗରର ପ୍ରବେଶ ପଥରେ ରହିଛି ସର୍ଦ୍ଦାର ପଟେଲଙ୍କ ଛୋଟ ମୂର୍ତ୍ତି ଥାଇ ସୁନ୍ଦର ତୋରଣଟିଏ। ଆରମ୍ଭରୁ ହିଁ ଦୃଶ୍ୟମାନ ହେଉଥାଏ ମୁଣ୍ଡ ଟେକି ଠିଆ ହୋଇଥିବା ତାଙ୍କର ସେହି ବିରାଟ ପ୍ରତିମୂର୍ତ୍ତି ବା ଷ୍ଟାଚ୍ୟୁ। ନୂତନ ଭାବରେ ଏକତା ନଗର ରେଳଷ୍ଟେଶନ ମଧ୍ୟ ନିର୍ମାଣ ହୋଇଛି ଷ୍ଟାଚ୍ୟୁରୁ ପ୍ରାୟ ତିନି ଚାରି କିଲୋମିଟର ଦୂରରେ। ଷ୍ଟେଶନରୁ ଷ୍ଟାଚ୍ୟୁ ନିକଟସ୍ଥ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାତାୟାତ ପାଇଁ ଅଟୋର ସୁବିଧା ମଧ୍ୟ ରହିଛି। ସବୁଠି ଖୁବ୍ କଡ଼ା ସୁରକ୍ଷା ବ୍ୟବସ୍ଥା। ସିସି ଟିଭି ଲାଗିଛି ସବୁଆଡେ। ବସ୍‌ଷ୍ଟାଣ୍ଡରେ ଧାଡି ଧାଡି ହୋଇ କେତେଗୁଡିଏ ଅତ୍ୟାଧୁନିକ ବସ୍ ରହିଛି। ସବୁ ବସ୍‌ରେ ଷ୍ଟାଚ୍ୟୁ ଆଡକୁ କିମ୍ବା ପ୍ରାଣୀ ଉଦ୍ୟାନ ଆଡକୁ ଯିବାକୁ ବୋଲି ଲେଖା ରହିଛି। ସେଇଠୁ ବସ୍ ଧରି ଷ୍ଟାଚ୍ୟୁ କିମ୍ବା ପ୍ରାଣୀଉଦ୍ୟାନ ପର୍ଯ୍ୟନ୍ତ ଯିବାକୁ ହୋଇଥାଏ। ଷ୍ଟାଚ୍ୟୁ ଏବଂ ପ୍ରାଣୀଉଦ୍ୟାନ ଦୁଇଟି ଯାକ ପରସ୍ପରର ବିପରୀତ ଦିଗରେ ରହିଛନ୍ତି। ସେଇ ଭିତରେ ଭିତରେ ଉଠାଣି ଗଡାଣି ରାସ୍ତା ଦେଇ ଗଲେ ପହଞ୍ଚି ହେବ ପ୍ରାଣୀଉଦ୍ୟାନର ଗେଟ୍ ପାଖରେ। ସେଠାରେ ବିଭିନ୍ନ ପଶୁପକ୍ଷୀ ଓ ପୁଷ୍ପ ଉଦ୍ୟାନ ବୁଲି ଦେଖିବାର ମଜା ନେଇପାରିବେ ପର୍ଯ୍ୟଟକ। ଉକ୍ତ ପ୍ରାଣୀଉଦ୍ୟାନଟି ଅପରାହ୍ନ ୫ଟା ପରେ ଦର୍ଶକଙ୍କ ପାଇଁ ବନ୍ଦ ହୋଇଯାଏ। ତେଣୁ ୫ଟା ପୂର୍ବରୁ ସେଠାରୁ ବୁଲାବୁଲି ସାରି ପୁଣି ସେଇ ବସ୍ ଧରି ଫେରିବାକୁ ପଡିଥାଏ ମୂଳ ବସ୍‌ଷ୍ଟାଣ୍ଡ୍‌କୁ। ସେଠାରୁ ଅନ୍ୟ ଗୋଟିଏ ବସ୍ ଧରି ଯିବାକୁ ହୁଏ ଷ୍ଟାଚ୍ୟୁ ଅଫ୍ ୟୁନିଟି ଆଡ଼କୁ।


ତେବେ ମୂର୍ତ୍ତିର ଅନତିଦୂରରେ ଛାଡିଦେବ ବସ୍। ସେଇଠୁ ପାଦରେ ଚାଲି ଯିବାକୁ ପଡିବ ଷ୍ଟାଚ୍ୟୁ ଅଫ୍ ୟୁନିଟି ପାଖକୁ। ସେଠାରେ ମଧ୍ୟ ଅନେକ ଦୋକାନ ବଜାର ରହିଛି। ଲଗେଜ୍ ରଖିବାକୁ ଅଫିସ୍‌ଟିଏ ମଧ୍ୟ ଅଛି। ଭିତରେ ବୁଲିବା ପାଇଁ ଅଲଗା ଦେୟ ଏବଂ ସେଠାରେ ବସି ଲେଜର୍ ଶୋ' ଦେଖିବାକୁ ଅଲଗା ଦେୟ ନିର୍ଦ୍ଧାରିତ ହୋଇଛି। ଦର୍ଶକଙ୍କୁ ଦିଆଯାଇଥିବା ପ୍ରତି ଟିକେଟ୍‌ରେ ସମୟ ଲେଖାଥାଏ। ସେଇ ସମୟ ଭିତରେ ପହଞ୍ଚି ନ ପାରିଲେ ଟିକେଟ୍ ଆପେ ଆପେ ବାତିଲ୍ ହୋଇଯାଏ। ଲେଜର୍ ଶୋ' ଆରମ୍ଭ ହୁଏ ରାତି ୮ଟାରେ। ମାତ୍ର ୨୦ ମିନିଟ୍ ପାଇଁ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍‌ର ଚମତ୍କାର ଖେଳଟିଏ ଚାଲେ। କିନ୍ତୁ ତା'ପୂର୍ବରୁ ଦର୍ଶକମାନେ ପ୍ରତିମୂର୍ତ୍ତି ଭିତରେ ବୁଲାବୁଲି ସାରି ସେଠାରେ ଲେଜର୍ ଶୋ' ଦେଖିବାକୁ ବସିଯାନ୍ତି। ପ୍ରତିମୂର୍ତ୍ତି ଭିତରକୁ ଯିବାକୁ ହେଲେ ସେଠାରେ ସିକ୍ୟୁରିଟି ଗାର୍ଡଙ୍କୁ ଟିକେଟ୍ ଦେଖାଇ ଭିତରେ ପଶିବାକୁ ହୁଏ। ଅଳ୍ପ କିଛି ଦୂରରେ ଲାଗିଛି ମେଶିନ୍ ରାସ୍ତା ବା ଏସ୍କାଲେଟର୍। ସେମିତି ୪ଟା ମେଶିନ୍ ରାସ୍ତା ପାର ହେବା ପରେ ପଡିଥାଏ ଗୁମ୍ଫା ଆକୃତିର ପ୍ରବେଶ ଦ୍ୱାର। ସେଇଠି ଗୋଟିଏ କୁଦ ଭଳି ଦିଶୁଥିବା ଆସ୍ଥାନ ଉପରେ ତିଆରି ହୋଇଛି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି। ତଳେ ଠିଆ ହୋଇ ଉପରକୁ ଚାହିଁଲେ ଆଖି ପାଇବନି। ସେଇ କୁଦରେ ତିଆରି ହୋଇଛି ଗୋଲାକାର ପାହାଚ ସଦୃଶ ବଗିଚାଟିଏ। ସେଥିରୁ କିଛି ପାହାଚ ଚଢି ଲୌହମାନବଙ୍କ ମୂର୍ତ୍ତିର ପାଦ ସ୍ପର୍ଶ କରିହୁଏ ; ସେଇଟି ପୁଣି ଏତେ ବଡ ଯେ ସେଥିରୁ ଗୋଟିଏ ମଧ୍ୟ ପାଦ ଧରିବା ପାଇଁ କୁଣ୍ଢ ପାଇବନି। ସେଠାରୁ ଓହ୍ଲାଇ ଆସି ମୂର୍ତ୍ତିର ପାଦ ପାଖରେ ଥିବା କାଚ କାନ୍ଥଘେରା ହଲ୍‌ର ପ୍ରବେଶ ଦ୍ୱାରରେ ପହଞ୍ଚିଲେ ମୂର୍ତ୍ତି ଭିତରକୁ ଯିବାର ଅନୁମତି ପତ୍ର ଆଉ ସୁରକ୍ଷା ଯାଞ୍ଚ ପରେ ଦର୍ଶକଙ୍କୁ ଭିତରକୁ ଛଡାଯାଏ। ସେଠାରୁ ଆଗକୁ ଅଛି ଖୁବ୍ ବଡ ହଲ୍‌ଟିଏ। ସେଇ ହଲ୍ ଭିତରେ କେତୋଟି ଥ୍ରୀଡି ଟିଭି ପରଦା ଲାଗିଛି। ସେଥିରେ ପ୍ରତିଫଳିତ ହେଉଥାଏ ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ବଳିତ କେତୋଟି ମୂର୍ତ୍ତି ଆଉ ଫଟୋ ସହ ଅନେକ ସୂଚନା। ସେହିପରି ପ୍ରକଳ୍ପର ଉଦ୍ଦେଶ୍ୟଠାରୁ ନିର୍ମାଣର ତଥ୍ୟ ଯାଏ ସବୁକିଛି ଲିଖିତ ହୋଇ ରହିଛି ସେଠାରେ ପ୍ରଦର୍ଶିତ ହୋଇଥିବା ସୂଚନାବୋର୍ଡ ଗୁଡ଼ିକରେ। ବାହାରୁ ସାଦାସିଧା ଭାରତୀୟ ପରିଧାନ ଯଥା କୁର୍ତ୍ତା, ପାଇଜାମା, ୱେଷ୍ଟକୋଟ୍ ପିନ୍ଧି ଚଦରଟିଏ କାନ୍ଧରେ ପକାଇ ଠିଆ ହୋଇଥିବା ଲୌହମାନବଙ୍କର ମୂର୍ତ୍ତିଟି କିନ୍ତୁ ଭିତର ପଟରୁ ପୂରା ଫମ୍ପା। ଭିତର ପଟରେ କେତେଗୁଡିଏ ଲିଫ୍ଟ ରହିଛି। ଲିଫ୍ଟ ଜଗୁଆଳିଙ୍କୁ ଟିକେଟ୍ ଦେଖାଇଲେ ସେ ଲିଫ୍ଟ ଭିତରକୁ ଛାଡିଦିଏ। ତା'ପରେ ଲିଫ୍ଟ ଉଠି ଚାଲେ ଉପରକୁ ଉପରକୁ। ବୃହଦାକାର ମୂର୍ତ୍ତିଟି ସମୁଦାୟ ଚାରୋଟି ମହଲାରେ ବିଭକ୍ତ ହୋଇଛି। ମୂର୍ତ୍ତିର ଠିକ୍ ଛାତି ପାଖରେ ଗୋଲାକାର ହଲ୍ ଭଳି ତିଆରି ହୋଇଛି। ସେଠାରେ ଏଭଳି ବ୍ୟବସ୍ଥା କରାଯାଇଛି ଯେ ସେହି କାଚତାଟିଆ ଭଳି ଦିଶୁଥିବା ହଲ୍‌ର କାନ୍ଥ ଦେଇ ବାହାରର ଦୃଶ୍ୟ ପରିଷ୍କାର ଭାବରେ ଦିଶେ। ସେଠାରେ ଠିଆ ହେଲେ ସର୍ଦ୍ଦାର ସରୋବର ଡ୍ୟାମ୍ ଏବଂ ତା'ର ଚାରିପଟେ ଘେରି ରହିଥିବା ପାହାଡ, ଜଙ୍ଗଲ ଏବଂ ନର୍ମଦା ନଦୀର ଜଳଧାରକୁ ବେଶ୍ ସ୍ପଷ୍ଟ ଭାବରେ ଦେଖି ହୁଏ। ବୈଷୟିକ ଜ୍ଞାନ ଏବଂ ବିଜ୍ଞାନର ଅପୂର୍ବ କୌଶଳ ପ୍ରୟୋଗ କରାଯାଇଛି ଉକ୍ତ ମୂର୍ତ୍ତିଟିକୁ ତିଆରି କରିବାରେ। କହିବାକୁ ଗଲେ ଏହା ହେଉଛି ଆଧୁନିକ ଜ୍ଞାନବିଜ୍ଞାନର ଏକ ଉତ୍କୃଷ୍ଟ ନମୁନା।

### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ଖୁବ୍ ଭଲ ବ୍ୟବସ୍ଥା କରାଯାଇଛି। ଏହାର ନିକଟତମ ବିମାନବନ୍ଦର ହେଉଛି ଅହମଦାବାଦ୍। ନିକଟତମ ରେଳ ଷ୍ଟେଶନ ଏକତାନଗର ଷ୍ଟେଶନ। ତା'ଛଡ଼ା ଆନ୍ତଃରାଜ୍ୟ ବସ୍ ସେବା ଯୋଗେ ବି ଏଠାରେ ପହଞ୍ଚି ହୁଏ ଖୁବ୍ ସହଜରେ।

**–ସୁଷମା ପରିଜା**
*ଶାରଳା ଭବନ, ପୋତାପୋଖରୀ, କଟକ*
*ମୋ: ୯୩୩୭୨୭୨୬୪୭*





# ବନାରସୀ ଶାଢ଼ିର କଥା









ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ବନାରସୀ ଶାଢ଼ି ସବୁ ମହିଳାଙ୍କର ପ୍ରିୟ। ବିବାହ ହେଉକି କୌଣସି ଉତ୍ସବ ପ୍ରାୟ ସବୁ ଭାରତୀୟ ନାରୀ ବନାରସୀ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ଜାଣନ୍ତି କି ଏହି ଶାଢ଼ିର ନାମକରଣ କିଭଳି ହୋଇଥିଲା ଓ ଏହାର ଇତିହାସ କ'ଣ ?

ଉତ୍ତରପ୍ରଦେଶର ବନାରସ, ଜୌନପୁର, ଚନ୍ଦୌଲି, ଆଜମଗଢ଼, ମିର୍ଜାପୁର ଓ ସନ୍ତ ରବିଦାସ ନଗର ଜିଲାରେ ବନାରସୀ ଶାଢ଼ୀ ତିଆରି କରାଯାଇଥାଏ। ଏଇ ଶାଢ଼ିଗୁଡ଼ିକୁ ତିଆରି କରିବାର କଞ୍ଚାମାଲ ବନାରସରୁ ଆସିଥାଏ। ବନାରସରେ ଅନେକ ସଂଖ୍ୟକ ବୁଣାକାର ଏହି ଶାଢ଼ି ପ୍ରସ୍ତୁତ କରିଥାନ୍ତି। ଆଖପାଖରୁ ଏହି ଅଞ୍ଚଳରୁ ଶାଢ଼ି ପାଇଁ ଜରି ଓ ରେଶମ ପହଞ୍ଚିଥାଏ। ସେଥିପାଇଁ ଏହି ଶାଢ଼ି ନାମ ବନାରସୀ ଶାଢ଼ି ହୋଇଛି। ଏହିଶାଢ଼ିରେ ସୁନା ଜରି ବ୍ୟବହାର ହୋଇଥାଏ।

ଏଇ ଶାଢ଼ି ଯେତିକି ସୁନ୍ଦର ଏହାକୁ ପ୍ରସ୍ତୁତ କରିବା ସେତିକି କଷ୍ଟକର। ଏଥିରେ ୩ଜଣ ବୁଣାକାରଙ୍କ ପରିଶ୍ରମ ଲାଗିଥାଏ। ତେବେ ଯାଇ ସୁନ୍ଦର ବନାରସୀ ଶାଢ଼ି ପ୍ରସ୍ତୁତ ହୋଇଥାଏ। ଏହି ଶାଢ଼ିରେ ବିଭିନ୍ନ ପ୍ରକାରର ନମୁନା ଯାହାକୁ ମୋଟିଫ କୁହାଯାଏ ତା'ର ବ୍ୟବହାର ହୋଇଥାଏ। ତେବେ ପ୍ରମୁଖ ମୋଟିଫ ହେଉଛି ବୁଟି, ବୁଟା, କୋନିୟା, ବେଲ୍, ଜାଲ ଓ ଜଙ୍ଗଲା, ଝାଲର। ଏସବୁ ଏବେବି ବନାରସୀ ଶାଢ଼ିର ପରିଚୟ ଅଟେ।

ବନାରସୀ ଶାଢ଼ିର ଏହି ବସ୍ତ୍ରକଳା ଭାରତରେ ମୋଗଲ ସାମ୍ରାଜ୍ୟ ସମୟରେ ସେମାନଙ୍କ ସହ ଆସିଥିଲା। ଇରାନ, ଇରାକ, ବୁଖାରା ଶରୀଫରୁ ଆସୁଥିବା କାରିଗର ଏହି ଡିଜାଇନ୍‌କୁ ବୁଣୁଥିଲେ। ମୋଗଲ ପଟକା, ଶେରୱାନୀ, ପଗଡ଼ି, ସାଫା, ଦୁପଟ୍ଟା, ବେଡଶିଟ୍ ଓ ମସନ୍ଦରେ ଏହି କଳାର ଉପଯୋଗ କରୁଥିଲେ। କିନ୍ତୁ ଭାରତରେ ଶାଢ଼ି ପିନ୍ଧିବାର ଚଳଣ ଥିଲା ସେଥିପାଇଁ ଧୀରେ ଧୀରେ କାରିଗରମାନେ ଏହି ଡିଜାଇନକୁ ଶାଢ଼ିରେ ଉତାରିବାକୁ ଲାଗିଲେ। ଯେଉଁଥିରେ ସେମାନେ ରେଶମ ଓ ଜରିର ବ୍ୟବହାର କରୁଥିଲେ।

# ଓଲଟା ପରସା ଯାଏ କଫି



ପୃଥିବୀର ସବୁଠୁ ପ୍ରିୟ ପାନୀୟ ମଧ୍ୟରେ ଗୋଟିଏ ହେଉଛି କଫି। ମୁଣ୍ଡ ବ୍ୟଥା ହେଉକି ଲୋ ବଡପ୍ରେଶର୍ ଅବା ଓଜନ କମାଇବା ପାଇଁ ଲୋକେ କଫିର ବ୍ୟବହାର କରନ୍ତି। ଏଇ କାରଣରୁ ହିଁ କଫି ପ୍ରାୟ ସବୁ ଦେଶରେ ପ୍ରିୟ ପାନୀୟ। ଲୋକେ କଫିକୁ କଫି ମଗ୍‌ରେ ଆରାମରେ ବସି ପିଇଥାନ୍ତି। ଆଉ ତା'ର ମଜା ନିଅନ୍ତି। ହେଲେ କେବେ କଫି ମଗ୍‌କୁ ଓଲଟା ରଖି କଫି ପିଇଛନ୍ତି ? ଭାବୁଥିବେ ଏମିତି କ'ଣ କେହି ପିଅନ୍ତି। ଅଜବ ଲାଗିଲେ ବି ଏମିତି ଏକ ସ୍ଥାନ ଅଛି ଯେଉଁଠି କଫିକୁ କଫି ମଗ୍‌ରେ ତ ପରସା ଯାଏ ହେଲେ ପ୍ଲେଟ୍‌ରେ ଓଲଟା ରଖି। ତା'ସହ ଏକ ଷ୍ଟ୍ର ବି ଦିଆଯାଏ, ଯାହା ସାହାଯ୍ୟରେ ଓଲଟା ମଗ୍‌ରୁ ବୋହୁଥିବା କଫିକୁ ଧୀରେ ଧୀରେ ଷ୍ଟ୍ର ସାହାଯ୍ୟରେ ପିଆଯାଏ। ଇଣ୍ଡୋନେସିଆର କିଛି କ୍ୟାଫେ 'କୁପି ଖୋପ୍' ନାମକ ଏହି କଫିକୁ ପରସି ଥାଏ। ଉକ୍ତ କଫି 'ଅପ୍‌ସାଇଡ ଡାଉନ୍ କଫି' ନାମରେ ବେଶ ପରିଚିତ। ଏଭଳି ଅଜବ ତରିକାରେ କଫି ପିଇବାର ମଜା ଉଠାଇବା ପାଇଁ ଇଣ୍ଡୋନେସିଆର ଏହି କ୍ୟାଫେଗୁଡ଼ିକରେ ଗ୍ରାହକଙ୍କ ଭିଡ ଜମିଥାଏ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# କେବଳ ଲୟ ରଖରେ ବାବା

**ଗ**ଛ ତଳେ ଜଣେ ସନ୍ଥ ବିଶ୍ରାମ ନେଉଥିଲେ । ଗଛର ଗୋଟିଏ ଶାଖାରେ ପଞ୍ଜୁରିଟିଏ ଓହଳି ଥାଏ । ପଞ୍ଜୁରି ଭିତରେ ଶାରୀଟିଏ ଥାଇ ଆନନ୍ଦରେ ଗୀତ ଗାଉଥାଏ ।

ଠିକ୍ ସେହି ସମୟରେ ସେ ଅଞ୍ଚଳର ଜଣେ ସେଠ୍ ଆସି ସାଧୁଙ୍କ ପାଖରେ ପହଞ୍ଚି ବିନୀତ ପ୍ରଣାମ ପୂର୍ବକ କହିଲେ – ଆଜ୍ଞା ! ବୟସ ହୋଇଗଲାଣି । ପାରିବାରିକ ଦାୟିତ୍ୱ ବି ଆଉ କିଛି ନାହିଁ । ପୁଅ ଝିଅଙ୍କୁ ବିଭାଘର ଦେଇ ତାଙ୍କ କାମ ସବୁ ସାରିଦେଇଛି । ଏବେ ବାନପ୍ରସ୍ଥ ଆଶ୍ରମରେ ପ୍ରବେଶ କରିବା ପାଇଁ ଇଚ୍ଛା ହେଉଛି । ଶେଷ ଜୀବନ ପର୍ଯ୍ୟନ୍ତ ଭଗବାନଙ୍କ ଭଜନ କୀର୍ତ୍ତନରେ ସମୟ ଅତିବାହିତ କରିବା ପାଇଁ ନିଷ୍ପତ୍ତି ନେଇଛି । ଏବେ କୁହନ୍ତୁ ମୋତେ ଭଗବାନ କିପରି ମିଳିବେ?

ବାନପ୍ରସ୍ଥ ହେଉ ବା ସନ୍ନ୍ୟାସ, ଘରେ ରୁହ ବା ବଣରେ ଈଶ୍ୱର ସେମିତି ମିଳିବେ ନାହିଁ । ସନ୍ଥ କହିଲେ ।

ତେବେ କିପରି ମିଳିବେ ଦୟାକରି ଟିକେ ମାର୍ଗ ବତାଇ ଦିଅନ୍ତୁ ନା ମହାରାଜ । – ସେଠ୍ ଜୋଡ଼ହସ୍ତରେ ନିବେଦନ କଲେ । ତହୁଁ ସନ୍ଥ ଜଣକ ସେଠ୍‌ଙ୍କୁ କିଛି ଉତ୍ତର ନ ଦେଇ ନିକଟରେ ଥିବା ପଞ୍ଜୁରି ଭିତର ଶାରୀ ସହ କଥା ହେବାକୁ ଲାଗିଲେ – ସୀତାରାମ... ସୀତାରାମ । ଶାରୀ ବି ଉଚ୍ଚାରଣ କଲା ସୀତାରାମ... ସୀତାରାମ । କେବଳ ସେତିକି ନୁହେଁ, ସନ୍ଥ ଯାହା ଯାହା ପଚାରିଲେ ଗୋଟିଏ ମଣିଷ ପରି ଶାରୀଟି ଗୋଟି ଗୋଟି ସବୁ ଉତ୍ତର ଦେଲା । ସେଠ୍‌ଙ୍କୁ ଲାଗିଲା ସତେ ଯେମିତି ପକ୍ଷୀ ନୁହେଁ, ଗୋଟିଏ ମଣିଷ ସହ ସନ୍ଥ କଥା ହେଉଛନ୍ତି। ଏମିତିରେ ଶୁଆ ବା ଶାରୀମାନେ ପଦେ କି ଦି ପଦ କଥା ହୋଇପାରନ୍ତି । କିନ୍ତୁ ଏ ଶାରୀଟି ଅତି ପ୍ରାଞ୍ଜଳ ଭାବେ ମଣିଷ ପରି ସବୁ କଥା କହୁଥାଏ । ଏହାର ରହସ୍ୟ ବାବଦରେ ପଚାରିବାରୁ ସନ୍ଥ କହିଲେ – ଶାରୀ ସମ୍ମୁଖରେ ଠିଆ ହୋଇ କେହି ଜଣେ ତାକୁ କଥା କହିବା ଶିଖାଇଲେ ଶାରୀ ଏତେ କଥା ଶିଖି ପାରିବ ନାହିଁ । ଏ ଶାରୀକୁ ଏତେସବୁ କଥା ଶିଖାଇବା ପାଇଁ ମୋତେ ଏକ ଉପାୟ ଅବଲମ୍ବନ କରିବାକୁ ପଡିଛି । ସେ ଉପାୟଟି ହେଉଛି – ମୁଁ ପ୍ରଥମେ ଏକ ଦର୍ପଣ ନେଇ ଶାରୀ ସମ୍ମୁଖରେ ରଖିଲି । ଉକ୍ତ ଦର୍ପଣ ପଛ ପଟେ ରହି ଶାରୀ ସହ ମୁଁ ବିଭିନ୍ନ ବାକ୍ୟ ଉଚ୍ଚାରଣ କଲି । ଦର୍ପଣ ଭିତରେ ଶାରୀଟି ନିଜର ପ୍ରତିବିମ୍ବ ଦେଖିବା ସହ ମୋ କଥା ଶୁଣି ସେ ଭାବିଲା ଯେ ତା'ରି ପରି ଆଉ କେହି ପକ୍ଷୀ ବୋଧେ ଏପରି କଥା କହିପାରୁଛି । ଏପରି ଭାବିବାରୁ ତାକୁ ଅନୁକରଣ କରିବା ବେଶ୍ ସହଜ ହେଲା । ଫଳରେ ଖୁବ୍ କମ୍ ଦିନ ମଧ୍ୟରେ ସେ ବହୁ କଥା ଶିଖିପାରିଲା । ଏଥିରେ ଭଗବାନଙ୍କୁ ମିଳିବାର ଉପାୟ ମଧ୍ୟ ଜଡ଼ିତ ହୋଇରହିଛି । ସେଠ୍ ଆଶ୍ଚର୍ଯ୍ୟଚକିତ ହୋଇ ପଚାରିଲେ – କେମିତି?

ମଣିଷ ସିଧା ସଳଖ ଭଗବାନଙ୍କ ସହ କଥା ହୋଇପାରିବ ନାହିଁ । ଏପରି କଲେ ତାଙ୍କୁ ଅବିଶ୍ୱାସ କରିବାର କଥା ମଧ୍ୟ ଉଠିପାରେ । ସେଇ ଭଗବାନ ଯେତେବେଳେ ମଣିଷର ରୂପ ଧରି 'ଗୁରୁ' ଭାବରେ ଅବତରିତ ହୁଅନ୍ତି, ସେତେବେଳେ ଏ ମଣିଷ ତାଙ୍କୁ ବିଶ୍ୱାସକୁ ନେଇପାରେ । ଏଇଠୁ ଆରମ୍ଭ ହୁଏ ଈଶ୍ୱରଙ୍କୁ ଆରାଧନା କରିବାର ପହିଲି ଯାତ୍ରା । ତୁମେ ସମୁଦ୍ରକୂଳରେ ରୁହ ବା ନଦୀ ତଟରେ, ବଣପାହାଡ଼ର ନିକାଞ୍ଚନ ଜାଗାରେ ରୁହ ବା କୋଉ ମଠ ମନ୍ଦିର ଆଶ୍ରମରେ, ଯେଉଁଠି ରହି



ସାଧନା କଲେ ବି ଜଣେ ସଦ୍‌ଗୁରୁଙ୍କ ନିହାତି ଆବଶ୍ୟକତା ଅଛି ।

ସେଠ୍ ଏତିକି ଶୁଣି ଏବେ ନିଜର ଗୁରୁ ହେବା ପାଇଁ ସନ୍ଥଙ୍କ ପାଦ ତଳେ ପଡ଼ି ନିବେଦନ ଜଣାଇଲେ ।

ସବୁ ଶାସ୍ତ୍ର ପୁରାଣ ଉଦ୍ଦାତ କଣ୍ଠରେ ଘୋଷଣା କରନ୍ତି ଯେ ହେ ବାବୁ ! ବିନା ଗୁରୁରେ ଈଶ୍ୱର ଦର୍ଶନ ଅସମ୍ଭବ । କେହି କେହି କହିପାରନ୍ତି – ଈଶ୍ୱରଙ୍କୁ ଆମେ କେମିତି ଦର୍ଶନ କରିବୁ? ମନ୍ଦିର ବା ଛବିରେ ଈଶ୍ୱରଙ୍କୁ ଯେମିତି ଦେଖୁଛୁ ସେମିତି ନା ତାଙ୍କ ରୂପ ଆଉ କେଉଁ ପରି? ଏହାର ଗୋଟିଏ ସିଧା ଉତ୍ତର ହେଉଛି ଈଶ୍ୱର ଆମ ପାଇଁ ସବୁ ରୂପ ନେବାକୁ ତୟାର ହୋଇ ଅଛନ୍ତି । ତାଙ୍କ ସ୍ୱରୂପ ମାତ୍ର ଦୁଇ ପ୍ରକାର – ସାକାର ଆଉ ନିରାକାର । ଆଜି ପର୍ଯ୍ୟନ୍ତ ବା ଭବିଷ୍ୟତରେ ଆଉ ତୃତୀୟ ଆକାର କିଛି ଆସିବ ହିଁ ନାହିଁ। ତୁମେ ଯେମିତି ଚାହିଁବ ସେ ସେଇ ରୂପରେ ହିଁ ଦେଖାଦେବେ । ସାକାର ଆଉ ନିରାକାରବାଦୀମାନେ ମିଛଟାରେ ନିଜ ନିଜ ଭିତରେ ବାଡ଼ିଆପିଟା ହୁଅନ୍ତି । ସବୁ ଗୋଟିଏ । କେବଳ ସ୍ୱରୂପ ଅଲଗା । ତୁମେ ତାଙ୍କୁ ଶୂନ୍ୟ ବୋଲି ଭାବ, ସେ ବି ତୁମ ପାଇଁ ଶୂନ୍ୟ ହେବେ । ତୁମେ ତାଙ୍କୁ ରାମ, କୃଷ୍ଣ, ଗୋବିନ୍ଦ ଗୋପାଳଙ୍କ ନାଁରେ ଭଜନ୍ତୁ, ସେ ବି ସେୟା ହେବେ । ଏତେ ଦୂର ନ ଯାଇ ତୁମ ବାପା, ମା', ଗୁରୁ ଆଦିଙ୍କୁ ଜଗତକର୍ତ୍ତା ବୋଲି ଭାବୁନ । ସିଏ ବି ସେଇ ରୂପେ ଆବିର୍ଭାବ ହୋଇଯିବେ । କିନ୍ତୁ ଭାବିବା ଦରକାର ।

ଈଶ୍ୱରଙ୍କୁ ପାଇବା ପାଇଁ ତାଙ୍କୁ ଖୋଜିବା ଦରକାର ନାହିଁ । ହଜିଯାଇଥିବା ଜିନିଷକୁ ଖୋଜାଯାଏ । ଈଶ୍ୱର କ'ଣ ହଜିଯିବାର ବସ୍ତୁ? ସେ ପରା ଆମ ପାଖେ ପାଖେ ଅଛନ୍ତି । ମାତୃଗର୍ଭରୁ ଆମ ପାଖେ ପାଖେ ଅଛନ୍ତି ସେ । ଯେଉଁମାନେ ଈଶ୍ୱରଙ୍କୁ ଖୋଜ ବୋଲି କୁହନ୍ତି , ସେମାନେ ଭୁଲ୍ କଥା କହୁଛନ୍ତି । ଈଶ୍ୱରଙ୍କୁ ଖୋଜନା । ତାଙ୍କୁ କେବଳ ଭାବ । ଚେତନା ଟିକକ ସେଇଠି ରଖ । ଭାବରେ ଭଜିଲେ ସେ ମିଳିବେ । ସେଥିପାଇଁ ଈଶ୍ୱରଙ୍କ ଅନ୍ୟ ନାମ ଭାବଗ୍ରାହୀ । ଖୋଜଗ୍ରାହୀ ନୁହେଁ । ଯେଉଁ ଜିନିଷଟି ମୋ ପାଖରେ ଅଛି, ମୁଁ ତାକୁ ଖୋଜିବି କାହିଁକି? ସେଇଟା ମୋ ପାଖରେ ଅଛି ବୋଲି ମୁଁ କେବଳ ନିଘା ରଖିବା ଦରକାର । ନ ହେଲେ ବାଟରେ କେଉଁଠି ଗଳିପଡ଼ିବ । ସେଥିପାଇଁ ଦିବ୍ୟଦ୍ରଷ୍ଟା ମହାପୁରୁଷମାନେ କହିଛନ୍ତି – ଅଜପା ସୂତ୍ରେ ଲୟ । ଲୟ ରଖ । କେତେ ସମୟ ପର୍ଯ୍ୟନ୍ତ ତୁମେ ମାଳା ଗଡ଼ାଇବ – କେତେ ପ୍ରହର ପର୍ଯ୍ୟନ୍ତ ତୁମେ କୀର୍ତ୍ତନ କରିବ – ଦିନରେ କେତେ ଘଣ୍ଟା କାଳ ବସି ଧ୍ୟାନ କରିବ? ଘଣ୍ଟାଏ ବସି ଗଲେ ପରା ସିଆଡ଼େ ଅଫିସରେ ଗାଳି । ଏଣେ ଅଣ୍ଟା କଡ଼ କଡ଼ ହେବଣି । ଏସବୁ ଆଧ୍ୟାତ୍ମିକ ପ୍ରକ୍ରିୟା କରୁଥିବା ପର୍ଯ୍ୟନ୍ତ ଲୟ ଥାଏ । ସବୁବେଳେ ଯେ ରହୁଥିବ ତା'ର କିଛି ଗ୍ୟାରେଣ୍ଟି ନାହିଁ । କୀର୍ତ୍ତନ କରୁଥିବ, ମନ ତେଣେ ତା' ବାଟରେ ବୁଲୁଥିବ । ଏବେ ତ ଅଷ୍ଟପ୍ରହର ନାମ ସଂକୀର୍ତ୍ତନରେ ଚଳଚ୍ଚିତ୍ର ଗୀତର ସ୍ୱରରେ ନାମ ବୋଲାହେଲାଣି । ଏଠି ଈଶ୍ୱରଙ୍କ ପାଖେ ଲୟ ରହିବ ନା ସେଇ ଚଳଚ୍ଚିତ୍ରର ହିରୋ ହିରୋଇନଙ୍କ ପାଖେ ଲୟ ରହୁଥିବ, ଏକଥା ବୋଲୁଥିବା ଲୋକ କହିପାରିବେ । ଭାଗବତର ସ୍ୱରରେ ବି ଆଲ୍‌ବମ୍ ଗୀତ ଧସେଇ ପସିଗଲାଣି । ଈଶ୍ୱର ସାଧନା ଦୃଷ୍ଟିରୁ ଚିନ୍ତାକଲେ ଉପରୋକ୍ତ କାର୍ଯ୍ୟକ୍ରମର ଫଳ ଶୂନ । କେବଳ ଭୋଜିଭାତ, ଲୋକଙ୍କ ଯିବା ଆସିବା, ମିନାବଜାର, ବିକାକିଣା ଏମିତି କିଛି ଗୋଟାଏ ଗମାତ୍ ଆଉ କ'ଣ ।

ଏମିତି ହଜାରେ ବର୍ଷ ସାଧନା କଲେ ବି ଈଶ୍ୱର ମିଳିବେନି । ଶୁଦ୍ଧ, ସାତ୍ତ୍ୱିକ ଏବଂ ସଚୋଟ ଭାବେ ଜୀବନ ଜିଇ ନିଜ ଭିତରେ ଥିବା ସେଇ ଐଶ୍ୱରିକ ସତ୍ତା ଉପରେ ଟିକେ ଲୟ ରଖ । ଈଶ୍ୱରଙ୍କୁ ସହଜରେ ପ୍ରାପ୍ତ ହେବ – ଏହା ହିଁ ଗୋସ୍ୱାମୀମାନଙ୍କର ମତ ।


*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ନୀଳ ନିମନ୍ତ୍ରଣ

ଲେଖକ–ଅନୁବାଦକ ପ୍ରଦୀପ କୁମାର ରାୟ
ପ୍ରକାଶକ– ଅଭିମାନ ପ୍ରକାଶନୀ, ପୁରୀ, ମୂଲ୍ୟ –୧୭୫ଟଙ୍କା

ପ୍ରଭୁ ଶ୍ରୀଜଗନ୍ନାଥ ତଥା ଶ୍ରୀକ୍ଷେତ୍ରକୁ ଆଧାର କରି ରଚିତ ହୋଇଥିବା ଅନବଦ୍ୟ କ୍ଷୁଦ୍ରଗଳ୍ପ ମଧ୍ୟରୁ ନିର୍ବାଚିତ କେତୋଟି ଗଳ୍ପର ଓଡ଼ିଆ ଅନୁବାଦ ସଂକଳନ 'ନୀଳ ନିମନ୍ତ୍ରଣ' ଶ୍ରୀଜଗନ୍ନାଥପ୍ରେମୀମାନଙ୍କ ପାଇଁ ବିଶିଷ୍ଟ ଅନୁବାଦକ ପ୍ରଦୀପ କୁମାର ରାୟଙ୍କ ଏକ ବିଶିଷ୍ଟ ଉପହାର । 'ନୀଳ ନିମନ୍ତ୍ରଣ' ପୁରୀ ଜନଗୋଷ୍ଠୀ ଓ ଶ୍ରୀଜଗନ୍ନାଥ ଚେତନାର କଥା କହେ । ମୈତ୍ରୀଦେ, ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ, ତାରାଶଙ୍କର ବନ୍ଦୋପାଧ୍ୟାୟ, ଗଜେନ୍ଦ୍ର କୁମାର ମିତ୍ର, ମହାଶ୍ୱେତା ଦେବୀ, ଅନିତା ଅଗ୍ନିହୋତ୍ରୀ, ଆଦିତି ଭଟ୍ଟାଚାର୍ଯ୍ୟ, ମୌଳିନାଥ ଗୋସ୍ୱାମୀ, ଶ୍ୟାମଳୀ ସେନଗୁପ୍ତ , ରମ୍ୟାଣୀ ଗୋସ୍ୱାମୀ, ଶ୍ରୀପର୍ଣ୍ଣ ବନ୍ଦୋପାଧ୍ୟାୟ, ଶାଶ୍ୱତୀ ଚନ୍ଦ, ଶ୍ୟାମଳୀ ରକ୍ଷିତ, ବିନୋଦ ଘୋଷାଲ, କୃଷ୍ଣା ଦାସ, ତୃଷ୍ଣା ବସାକ୍‌ଙ୍କ ଭଳି ପ୍ରଖ୍ୟାତ କଥାକାରଙ୍କ ଲେଖନୀରେ ସମୃଦ୍ଧ ହୋଇଥିବା ଏହି ସୁନ୍ଦର ସଂକଳନଟିର ପରିପାଟୀ ଅତ୍ୟନ୍ତ ଆକର୍ଷକ । ଏହା ସବୁ ବର୍ଗର ପାଠକଙ୍କୁ ବାନ୍ଧି ରଖିବାର ସାମର୍ଥ୍ୟ ବହନ କରେ ।




### ଏକାମ୍ରେ ରାସ

ଲେଖକ–ଡକ୍ଟର ଶଶାଙ୍କ ଶେଖର ସାମଲ
ପ୍ରକାଶକ–ଲିପିକା, ନିଜିଗଡକୁରୁଖି, ହରିରାଜପୁର
ଜଟଣୀ, ମୂଲ୍ୟ–୨୦୦ଟଙ୍କା


'ଏକାମ୍ରେ ରାସ'ର ଲେଖକ ଡକ୍ଟର ଶଶାଙ୍କ ଶେଖର ସାମଲ । ଏଥିରେ ୨୯ଟି ରାସ ବିଷୟରେ ବର୍ଣ୍ଣନା କରାଯାଇଛି । ରାସ ବା ଈଶ୍ୱରଙ୍କ ଲୀଳା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଛି । କାବ୍ୟ ନାୟକ ଶିବ ଓ ନାୟିକା ପାର୍ବତୀ । ଶିସ ସ୍ୱତନ୍ତ୍ର, ସ୍ୱୟଂ ଈଶ୍ୱର ଓ ଭଗବାନ । ତାଙ୍କ ଇଚ୍ଛାନୁସାରେ ସୃଷ୍ଟି ଆତଯାତ, ଉତ୍ପତି ପାଳନ ଓ ଅନ୍ତ । ପ୍ରାରମ୍ଭରେ ଶିବସ୍ତୁତି ସହିତ ସ୍ୱ ପରିଚୟ ପ୍ରଦାନ ଓ ଜନ୍ମଭୂମିର ବନ୍ଦନାଗାନ କରିଛନ୍ତି କବି । ଅଧୁନା ରାଜବୋଡାସମ୍ବର ମାଟିର ସୁନାମଧନ୍ୟ ପଣ୍ଡିତ,ବିଦ୍ୱାନ, କବି, ଲେଖକ, ପ୍ରଶାସକ, ଅଧ୍ୟାପକ ଓ ଶିକ୍ଷକମାନଙ୍କୁ ସ୍ମରଣ କରିଛନ୍ତି । ଉକ୍ତ ପୁସ୍ତକରେ ଲେଖକ ଏକ ନୂତନ ଚିନ୍ତାଧାରାର ଅନୁଭୂତିକୁ ପ୍ରତିପାଦନ କରିଛନ୍ତି । ଲେଖାର ଭାଷା ସହଜ ଓ ସରଳ ହୋଇଛି । ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ଛୁଇଁବ ।




### ବିସର୍ଜନ ଓ ଅନ୍ୟାନ୍ୟ ଗଳ୍ପ

ସତ୍ୟପ୍ରିୟ ମହାଳିକ
ଅଗ୍ରଦୂତ, ବାଙ୍କାବଜାର, କଟକ
ମୂଲ୍ୟ–୧୫୦ଟଙ୍କା

'**ବି**ସର୍ଜନ ଓ ଅନ୍ୟାନ୍ୟ ଗଳ୍ପ' ସତ୍ୟପ୍ରିୟ ମହାଳିକଙ୍କ ଗଳ୍ପ ସଂକଳନ । ଏଥିରେ ୧୫ଟି ଗପ ପ୍ରକାଶିତ ହୋଇଛି । ସଂକଳନରେ ସ୍ଥାନୀତ ସମସ୍ତ ଗପ ଭିନ୍ନ ଭିନ୍ନ କାଳଖଣ୍ଡରେ ଲିଖିତ । ଗପଗୁଡିକରେ ସତ ମିଛର କାହାଣୀ ଓ ଛୁଆଁ ଲାଗିଛି । ଇତିହାସକୁ ଆଉଥରେ ବର୍ତ୍ତମାନ ପରିପ୍ରେକ୍ଷୀରେ ପରଖି ଦେଖିବାର ଅବସର ଗପଗୁଡ଼ିକରେ ଭରପୁର ରହିଛି । ପୁସ୍ତକରେ ସ୍ଥାନୀତ ଗପ ମାୟାମୋହ ହେଉ କିମ୍ବା ଯାତ୍ରାପଥ କି ସ୍ୱରଧ୍ୱନି ହେଉ ଏଗୁଡିକ ନୂତନ ଚିନ୍ତାଧାରାରେ ଲିଖିତ । ଏଗୁଡିକୁ ପାଠକଲେ ମିଳେ ଭିନ୍ନ ଅନୁଭୂତି ଓ ଅନନ୍ୟ ଆନନ୍ଦ । ଏଗୁଡିକ ବିସର୍ଜନ କଲାଭଳି ନୁହେଁ, ବରଂ ଆବାହନ କଲାଭଳି । ଏହା ସବୁ ସମୟରେ ପାଠକଙ୍କୁ ଛୁଇଁବ ଓ ଭାବିତ କରିବ ।



# ନିଆରା ସମ୍ପର୍କ

ଆଜିକାଲି ଦେଖାଯାଉଛି ମଣିଷ ଭିତରୁ ସ୍ନେହ, ମମତା ଭାବ ଦୂରେଇ ଯିବାରେ ଲାଗିଛି। କିନ୍ତୁ ନିକଟରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା ଛୋଟିଆ କୁକୁର ଛୁଆ ଓ ଏକ ବତକର ସ୍ନେହ ମମତାଭରା ଏକ ସୁନ୍ଦର ଭିଡିଓ, ଯାହାକୁ ଲକ୍ଷ ଲକ୍ଷ ଲୋକ ବେଶ୍ ପସନ୍ଦ କରିଥିଲେ। ଏହି ଭିଡିଓରେ ଥିଲା ଏକ ସତ କାହାଣୀ। ମା' ହରେଇଥିବା ଏକ କୁନି କୁକୁର ଛୁଆକୁ ଏକ ବତକ ପାଉଛି। ଆଉ ତାକୁ ଦେଉଛି ମା'ର ମମତା। ଏମିତିକି ବତକଟି ଯୁଆଡେ ବି ଯାଏ କୁକୁର ଛୁଆକୁ ନିଜ ପିଠିରେ ବସାଇ ବୁଲାଏ। କ୍ଷଣକ ପାଇଁ ବି ବତକଟି କୁକୁର ଛୁଆକୁ ଏକୁଟିଆ ଛାଡେ ନାହିଁ। ଯଦ୍ୱାରା କୁକୁର ଛୁଆଟି କେବେ ତା'ର ମା'ର ଅଭାବକୁ ଅନୁଭବ କରେନା। ଏମିତିରେ କୁକୁର ଛୁଆଟି ବଡ଼ ହୁଏ। ଆଉ ବତକର ବି ଅନେକ ଛୁଆ ହୁଏ। ଏବେ କୁକୁର ଛୁଆ ବତକର ସ୍ନେହ ମମତା ବଦଳରେ ବତକ ଓ ବତକ ଛୁଆଙ୍କର ଯତ୍ନ ନେଉଛି। ସୁରକ୍ଷା ପ୍ରଦାନ କରୁଛି। ଏହି ଭିଡିଓ ସତରେ ଥିଲା ଭାରି ହୃଦୟସ୍ପର୍ଶୀ। ଆଜିକାଲି ମଣିଷ ନିଜ ବାପାମା'ଙ୍କ ତ୍ୟାଗ ଓ ଭଲ ପାଇବାର ଋଣକୁ ପରିଶୋଧ କରିବାକୁ ପଛାଉଥିବା ଓ ନିଜ କର୍ତ୍ତବ୍ୟକୁ ଭୁଲିଯାଉଥିବା ଦେଖାଯାଉଥିବାବେଳେ ପ୍ରାଣୀଙ୍କ ଭିତରେ ଦେଖିବାକୁ ମିଳିଥିବା ଏଭଳି ମନୋଭାବରୁ ମଣିଷ କିଛି ଶିଖିବା କଥା।





# ଉଡାଜାହାଜର କବରସ୍ଥଳ

କିଛି ଧର୍ମରେ ମୃତ୍ୟୁପରେ ମଣିଷଙ୍କୁ କବର ଦିଆଯାଇଥାଏ। ସେଥିପାଇଁ ଗାଁ ଓ ସହରରେ କବରସ୍ଥଳ ଥାଏ। ଯେଉଁଠି ଲୋକେ ନିଜ ପରିବାରର ଦିବଗନ୍ତ ସଦସ୍ୟଙ୍କୁ କବର ଦେଇଥାନ୍ତି। ତେବେ ଜାଣନ୍ତି କି ମଣିଷଙ୍କ ପରି ଉଡାଜାହାଜ ବା ବିମାନର କବରସ୍ଥଳ ବି ଅଛି, ଯେଉଁଠି ଉଡାଜାହାଜକୁ ପୋତା ଯାଇ ନ ଥାଏ। ବରଂ କଳଙ୍କି ଲାଗିବା ପାଇଁ ସେଠାରେ ଛାଡି ଦିଆଯାଏ। ଏଠି ସେଠି ଠିଆ ହୋଇଥିବା କୋଟି କୋଟି ଟଙ୍କାର ଉଡାଜାହାଜ ଦେଖିଲେ ମନରେ ଭୟ ବି ସୃଷ୍ଟି ହୋଇଥାଏ। ତେବେ ଏତେ ସଂଖ୍ୟକ ପରିତ୍ୟକ୍ତଭାବେ ପଡିଥିବା ଉଡା ଜାହାଜ ଏଠି ଏଇଥିପାଇଁ ରଖାଯାଇଥାଏ କାରଣ ଏସବୁ ଉଡିବା ସ୍ଥିତିରେ ନ ଥାଆନ୍ତି। ବ୍ୟାଂକକ୍‌ର ପୂର୍ବରେ ଥିବା ଏକ ଖୋଲା ପଡିଆ ଅଛି ଏହିଭଳି ଏକ ଉଡାଜାହାଜ କବରସ୍ଥଳ, ଯେଉଁଠି ଉଡାଜାହାଜ ଖରାପ ହେବା ପରେ ରଖାଯାଇଥାଏ। ଏହା ସେଠାକାର ବିମାନ କବରସ୍ଥଳଭାବେ ପରିଚିତ। ଆଉ ଏବେ ଏହା ପର୍ଯ୍ୟଟନସ୍ଥଳ ପାଲଟିବାରେ ଲାଗିଛି। କାରଣ ଅନେକ ପର୍ଯ୍ୟଟକ ଏହି ଭଙ୍ଗା ଉଡାଜାହାଜକୁ ଦେଖିବାକୁ ଆସୁଛନ୍ତି। ଏହି ଉଡାଜାହଗୁଡିକର ଆଭ୍ୟନ୍ତରୀଣ ପାର୍ଟଗୁଡିକୁ ବାହାର କରି ଅଳିଆ ଭଳି ବିମାନ ଚାରିପଟେ ପଡିଥିବା ଦେଖିବାକୁ ମିଳେ। ତେବେ ବ୍ୟାଂକକ୍‌ଠାରୁ ଆମେରିକାରେ ଏକ ବଡ଼ ବିମାନ କବରସ୍ଥଳ ଅଛି। ଆରିଜୋନାର ଟସ୍କନରେ ଥିବା ଏହି କବରସ୍ଥଳରେ ପ୍ରାୟ ୪୦୦୦ ମିଲିଟାରୀ ଏୟାରକ୍ରାଫ୍ଟ ପଡି ରହିଛି। ଏହି ସ୍ଥାନକୁ ବୋନୟାର୍ଡ ବି କୁହାଯାଏ।

# ବ୍ରେଡ୍ ଲ୍ୟାମ୍ପ

ବ୍ରେଡ ବା ପାଉଁରୁଟି ତ ସମସ୍ତେ ଖାଇଥିବେ। ତେବେ ଯଦି କିଛି ବ୍ରେଡ ବେଶି ଦିନ ରହିଯାଇ ନଷ୍ଟ ହେବାକୁ ଲାଗେ ତେବେ ପ୍ରାୟ ସମସ୍ତେ ତାକୁ ଫୋପାଡି ଦିଅନ୍ତି। କିନ୍ତୁ ୟୁକିକୋ ମୋରିତା ନାମକ ଜଣେ ବେକର୍ ଯେକି ଏବେ ଜଣେ ଡିଜାଇନର୍ ଭାବେ କାମ କରୁଛନ୍ତି ଏଭଳି ବଳକା ତଥା ବାସି ପାଉଁରୁଟିରେ ତିଆରି କରୁଛନ୍ତି ଏମିତି ଏକ ଜିନିଷ ଯାହାକୁ କେବେ କେହି କଳ୍ପନା ବି କରିପାରିବେ ନାହିଁ। ସେ ଏହି ବ୍ରେଡରେ ତିଆରି କରୁଛନ୍ତି ଲ୍ୟାମ୍ପ। ୨୦୧୬ରୁ ସେ ଏହାକୁ ତିଆରି କରିବା ଆରମ୍ଭ କରିଥିଲେ। ଏବେ ସେ ବିଭିନ୍ନ ପ୍ରକାରର ବ୍ରେଡ ଲ୍ୟାମ୍ପ ତିଆରି କରୁଛନ୍ତି ଯେମିତିକି କ୍ରୋଇସେଣ୍ଟ ନାଇଟଲାଇଟ୍‌ସ, ବୈଗେଟ୍( ଲମ୍ବା ଫ୍ରେଞ୍ଚ ବ୍ରେଡ୍) ଚାଣ୍ଡେଲିୟର,ନାନ୍ ଟାଇମ୍‌ପିସେସ୍ ଆଦି। ପ୍ରତି ଡିଜାଇନ୍ ପାଇଁ ସେ ବଳକା ପ୍ୟାଷ୍ଟ୍ରି ଓ ବ୍ରେଡ ନିକଟସ୍ଥ ରିଟେଲର୍‌ଙ୍କଠାରୁ ସଂଗ୍ରହ କରି ଆଣନ୍ତି। ପରେ ସେ ଏସବୁକୁ ଆଣ୍ଟିସେପ୍ଟିକ ଓ ମାଇଲ୍ଡ୍ୟୁ-ଡିଟରେଣ୍ଟରେ ଟ୍ରିଟ୍ କରନ୍ତି। ଆଉ ବ୍ରେଡରେ ଏକ କଣା କରି ସେଥିରେ ଏଲଇଡି ଲାଇଟ୍ ଫିଟ୍ କରନ୍ତି। ଏହି ଲ୍ୟାମ୍ପ ସେମିପରମାନେଣ୍ଟ ଅଟେ। ତେଣୁ ଧ୍ୟାନ ଦେବ ଜରୁରୀ ଯେମିତି ଏହା ନ ଭାଙ୍ଗେ।





